**ସଂକ୍ଷେପରେ**

## ମୋଟରସାଇକେଲରୁ ପଡ଼ି ମହିଳା ମୃତ

ଚଣ୍ଡିଖୋଲ,୯।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ ନଂ.ଜାତୀୟ ରାଜପଥର ଓଲାଶୁଣୀ ଛକ ନିକଟରେ ସୋମବାର ମୋଟର ସାଇକେଲରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଧୀରେନ୍ଦ୍ର ସାମଲଙ୍କ ସ୍ତ୍ରୀ କାବେରୀ(୩୬) । କାବେରୀ ତାଙ୍କ ବାପ ଘର କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ନୋଳ ସାହିକୁ ସୋମବାର ସକାଳେ ଯିବା ପାଇଁ ବାଲିଚନ୍ଦ୍ରପୁର ଛକକୁ ଆସିଥିଲେ। ସେଠାରୁ ଜଣେ ମୋଟର ସାଇକେଲ ଆରୋହୀଙ୍କୁ ଲିଫ୍ଟ ମାଗି ପଞ୍ଚୁ ପାଣ୍ଡବ ଛକ ପର୍ଯ୍ୟନ୍ତ ଯାଉଥିଲେ। ହେଲେ ଓଲାଶୁଣୀ ଛକ ନିକଟରେ ମୋଟର ସାଇକେଲରୁ ସେ ହଠାତ୍ ଗଳି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ପ୍ରସ୍ତାବିତ ବ୍ୟାଙ୍କ, ଡାକ୍ତରଖାନା ପାଇଁ ସ୍ଥାନ ନିରୂପଣ ଉପରେ ଗୁରୁତ୍ୱ

ପାଣିକୋଇଲି,୯।୧୦
(ବିକାଶ କୁମାର ମଲିକ)

କୋରାଇ ବ୍ଲକ ଗୋଳେଇପୁର ପଞ୍ଚାୟତରେ ଉପ ଡାକ୍ତରଖାନା ଓ ବ୍ୟାଙ୍କ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ସ୍ଥାନ ନିରୁପଣ ସରିଛି। ମାତ୍ର ଗୋଳେଇପୁର ପଞ୍ଚାୟତରେ ବହୁ ଏକର ସରକାରୀ ଜମି ରହିଥିବା ବେଳେ ଉକ୍ତ ସ୍ଥାନରେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ କରାଯିବା ବଦଳରେ ଖରସ୍ରୋତା ନଦୀର ଶଯ୍ୟା ମସୁଦପୁର ମୌଜାର ଖାତା ନଂ.୨୮୮ ପ୍ଲଟ ନଂ.୧୬୬୯ରେ ଏହି ପ୍ରକଳ୍ପ ନିର୍ମାଣ କରାଯିବା ଲାଗି ପ୍ରସ୍ତାବ ରହିଛି। ଯାହାକୁ ନେଇ କୋରାଇ ପଞ୍ଚାୟତ ସମିତିରେ ହେଉଥିବା ଜିଲାପାଳଙ୍କ ଜନଶୁଣାଣୀ ଶିବିରରେ ଗୋଳେଇପୁର ସରପଞ୍ଚ ସସ୍ମିତା ମାଝିଙ୍କ ସମେତ ନାଏବ ସରପଞ୍ଚ ମିର୍ଜା ହାସିମ ବେଗ, ୱାର୍ଡ଼ ସଭ୍ୟ ଗୋପାଳ ସେଠୀ, ଗଣେଶ ଦଳେଇ, ରବିନ୍ଦ୍ର ମଲିକ, କାଙ୍ଗାଳୀ ବେହେରା, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପ୍ରଦୀପ ମଲିକଙ୍କ ସମେତ ଗ୍ରାମବାସୀ ହରେକୃଷ୍ଣ ସାହୁ, ଲକ୍ଷ୍ମୀଧର କରଣ ପ୍ରମୁଖ ଅଭିଯୋଗ କରିଛନ୍ତି। ଗୋଳେଇପୁର ପଞ୍ଚାୟତର କେନ୍ଦ୍ରସ୍ଥଳୀରେ ଉକ୍ତ ପ୍ରକଳ୍ପ ନିର୍ମାଣ କରାଗଲେ ଗୋଳେଇପୁର ,ସମେତ ସୋତୀ, ଖାନ୍ଦରାପୁର, ଶାଳପଡ଼ା, ମିର୍ଜାପୁର, ତେଲିଆ,ଓ ବଡ଼ତ୍ରିଲୋଚନପୁରର ଲୋକମାନେ ଉପକୃତ ହେବେ । ଏହି ପ୍ରକଳ୍ପ ନଦୀ ଶଯ୍ୟାରେ ନିର୍ମାଣ ପାଇଁ ପ୍ରସ୍ତାବ ଥିବାରୁ ସାମାନ୍ୟ ବର୍ଷା ହେଲେ ଉପରୋକ୍ତ ସ୍ଥାନରେ ପାଣି ଜମି ରହିଥାଏ। ତେଣୁ ଉକ୍ତ ପ୍ରକଳ୍ପ ନିମନ୍ତେ ଠିକ ସ୍ଥାନ ନିରୁପଣ କରାଯାଉ ବୋଲି ସରପଞ୍ଚ ମାଝି ଦାବି କରିଛନ୍ତି ।

# ୭୫ ବର୍ଷ ପରେ ବି ଜମି ପଟ୍ଟା ସ୍ୱପ୍ନ

- ମୌଳିକ ସୁବିଧାରୁ ବଞ୍ଚିତ ୭୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର
- ପ୍ରଣୟନ ହେଉନି ଜଙ୍ଗଲ ଅଧିକାର ଆଇନ ୨୦୦୬

କୋରେଇ,୯।୧୦( ଚନ୍ଦ୍ରକାନ୍ତ ପତି)


ଗୋହିରାଗଡ଼ିଆ ଆଦିବାସୀ ବସ୍ତିର ଲୋକମାନେ ଜମି ପଟ୍ଟା ପାଇଁ ଦାବି କରୁଛନ୍ତି।

ଦେଶର ସର୍ବାଧିକ ଆଦିବାସୀ ବହୁଳ ରାଜ୍ୟ ଓଡ଼ିଶା । ଏଠାରେ ପ୍ରାୟ ୬୨ଟି ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଜନସଂଖ୍ୟାର ପ୍ରାୟ ୨୪ ପ୍ରତିଶତ ହେଉଛନ୍ତି ଆଦିବାସୀ । ରାଜ୍ୟରେ ଏତେ ସଂଖ୍ୟାରେ ଆଦିବାସୀ ବସବାସ କରୁଥିବା ସତ୍ତ୍ୱେ ସେମାନେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି ।

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପାଟରଙ୍ଗା ପଞ୍ଚାୟତର ଗୋହିରାଗଡ଼ିଆ ଆଦିବାସୀ ବସ୍ତିରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । କୋରାବନ୍ଦୀ ଓ ମଲାରିଆ ଗ୍ରାମର ମଧ୍ୟ ଭାଗ ଶାଳ ଜଙ୍ଗଲ ନିକଟରେ ଥିବା ଏହି ଗ୍ରାମରେ ୭୫ ବର୍ଷରୁ ଉର୍ଦ୍ଧ୍ୱ ହେବ ୭୦ରୁ ଅଧିକ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି । ଏମାନେ ଦିନମଜୁରିଆ ଭାବେ କାମ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ସରକାରୀ ଯୋଜନା ଏମାନଙ୍କ ପାଇଁ ଯେମିତି ସାତସପନ ପାଲଟିଛି। ପାନୀୟ ଜଳ ଅଭାବ ଏହି ଗ୍ରାମର ମୁଖ୍ୟ ସମସ୍ୟା ହୋଇ ଛିଡା ହୋଇଛି। ଗ୍ରାମରେ ମୋଟ୍ ୩ଟି ନଳକୂପ ରହିଥିଲେ ମଧ୍ୟ ଏଥିରୁ ଗୋଟିଏ ମାତ୍ର ବ୍ୟବହାର ଉପଯୋଗୀ ଓ ଅନ୍ୟ ୨ଟି ଅଚଳ ହୋଇ ପଡିରହିଛି। ଗମନାଗମନ ପାଇଁ ପକ୍କା ସଡ଼କ ଖଣ୍ଡେ ନ ଥିବାରୁ ବର୍ଷା ଦିନ ଆସିଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ପ୍ରବେଶ କରିପାରୁନାହିଁ। ଫଳରେ ରୋଗୀ ଓ ଗର୍ଭବତୀଙ୍କୁ ମେଡ଼ିକାଲ ନେବାକୁ ବହୁ ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି। ବସବାସର ୭୫ ବର୍ଷ ପରେ ମଧ୍ୟ ଗ୍ରାମର ୭୦ରୁ ଉର୍ଦ୍ଧ୍ୱ ପରିବାର ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଏପର୍ଯ୍ୟନ୍ତ ସ୍ଥାୟୀ ପଟ୍ଟା ଖଣ୍ଡେ ପାଇ ପାରିନାହାନ୍ତି । ସରକାରୀ କାଗଜପତ୍ର ଅନୁଯାୟୀ ମୋଟ ୪୭ ଜଣଙ୍କୁ ପଟ୍ଟା ମିଳିଥିବା ବେଳେ ସେମାନଙ୍କୁ ଚିହ୍ନଟ କରି ହସ୍ତାନ୍ତର କରାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି । ପିଲାମାନଙ୍କ ପାଠ ପଢା ଓ ଚାକିରୀ ପାଇଁ ବାସସ୍ଥାନ ଓ ଜାତିଗତ ପ୍ରମାଣପତ୍ର ହାସଲରେ ଅନେକ ସମସ୍ୟା ଦେଖା ଦେଉଛି । ଗ୍ରାମର ୬୦ ପ୍ରତିଶତ ଲୋକଙ୍କ ନିକଟରେ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଖଣ୍ଡେ ନାହିଁ। ତମ୍ବୁ ଓ ଅଧା ଛପର କୁଡ଼ିଆରେ ସେମାନେ ଦିନ କାଟୁଛନ୍ତି । ଅନ୍ୟପକ୍ଷେ ସ୍ଥାୟୀ ପଟ୍ଟା ନ ଥିବା କାରଣରୁ ଆବାସ ଯୋଜନାରେ ଘର ମିଳୁନାହିଁ ବୋଲି କେତେଜଣ ସ୍ଥାନୀୟ ବାସିନ୍ଦା କହିଛନ୍ତି ।

ଗ୍ରାମର ଧନେଶ୍ୱର କିସ୍କୁଙ୍କ କହିବା ମୁତାବକ, ସ୍ଥାୟୀ ପଟ୍ଟା ଖଣ୍ଡିକ ପାଇଁ ଗ୍ରାମବାସୀ ରାଜସ୍ୱ ବିଭାଗଠାରୁ ଆରମ୍ଭ କରି ସ୍ଥାନୀୟ ନେତୃମଣ୍ଡଳୀ ଏବଂ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ଏହା ଫଳପ୍ରଦ ହେଉନାହିଁ । ଏକାଧିକ ଥର ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରିଛନ୍ତି ହେଲେ ଜନପ୍ରତିନିଧିମାନଙ୍କ ଅବହେଳା ଓ ଜିଲା ପ୍ରଶାସନର ଦାୟିତ୍ୱହୀନତା କାରଣରୁ ସ୍ଥାୟୀ ପଟ୍ଟା ଏବଂ ସରକାରୀ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ରହୁଥିବା ଗ୍ରାମର ଗୋପୀନାଥ ଟୁଡୁ ପ୍ରକାଶ କରିଛନ୍ତି । ଗତ ୧ ମାସ ହେବ ଗ୍ରାମବାସୀ ବ୍ୟାସନଗର ତହସିଲଠାରୁ ଆରମ୍ଭ କରି ଜିଲା ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି । ସୋମବାର ଉପଜିଲାପାଳ ଗୋପୀନାଥ କୁଅଁର, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି ଏବଂ ପଛିକୋଟ ରାଜସ୍ୱ ନିରୀକ୍ଷକ ସୀମା ସନ୍ଧ୍ୟା ସ୍ୱାଇଁ ଗୋହିରାଗଡିଆ ଗ୍ରାମର ଆଦିବାସୀ ସାହି ଭାଲୁକାହୁଡ଼ିରେ ପହଞ୍ଚି ବସ୍ତିବାସିନ୍ଦାଙ୍କ ସହିତ ଆଲୋଚନା କରିଛନ୍ତି । ମୋଟ ୪୭ ଜଣକ ନାମରେ ଜଙ୍ଗଲ ଅଧିକାର ଆଇନରେ ପଟ୍ଟା ମିଳିଥିବା ବେଳେ ଅନ୍ୟ ୬୯ ଜଣ ପଟ୍ଟା ପାଇଁ ଆବେଦନ କରିଥିବା କୁଅଁର ସୂଚନା ଦେଇଛନ୍ତି । ଏଥିସହିତ ଆସନ୍ତା ୧୩ ତାରିଖରେ ସେହି ୪୭ ଜଣଙ୍କୁ ଜିଲା ପ୍ରଶାସନ ଜମି ଚିହ୍ନଟ ଦେଇ ପଟ୍ଟା ହସ୍ତାନ୍ତର କରିବା ସହିତ ଆବେଦନ କରିଥିବା ୬୯ ଜଣଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଖୁବଶୀଘ୍ର ଜମି ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ଛାତ୍ରୀନିବାସ ପ୍ରାଚୀର ନିର୍ମାଣ ହେଲାନି, ଚିନ୍ତାରେ ଅନ୍ତେବାସୀ

ଯାଜପୁରରୋଡ,୯।୧୦(ପବିତ୍ର ରଞ୍ଜନ ମହାନ୍ତି)

ବହୁଦିନ ହେଲା ବ୍ୟାସନଗର ମହାବିଦ୍ୟାଳୟ ଛାତ୍ରୀ ନିବାସ ପ୍ରାଚୀର ଭାଙ୍ଗି ପଡିଥିଲେ ମଧ୍ୟ ନିର୍ମାଣ କରାଯାଉନାହିଁ । ଏ ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଛାତ୍ରୀ ନିବାସ ପରିସରରେ ଅସାମାଜିକ ଯୁବକମାନେ ପ୍ରବେଶ କରୁଛନ୍ତି । ସେମାନେ ନାନା ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସେଥିପାଇଁ ଯୁଦ୍ଧକାଳୀନଭିତ୍ତିରେ ଛାତ୍ରୀ ନିବାସର ପ୍ରାଚୀର ନିର୍ମାଣ ଦିଗରେ କଲେଜ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ବ୍ୟାସନଗର କଲେଜର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା । ଯୌନ କେଲେଙ୍କାରୀ ଅଭିଯୋଗ ପରେ ଉଚ୍ଚଶିକ୍ଷା ବିଭାଗର ଚିଠି ଏବଂ ତଦନ୍ତ ନିର୍ଦ୍ଦେଶ ପରେ ଯାଜପୁର ଜିଲାପାଳଙ୍କ ଏକ ସ୍ୱତନ୍ତ୍ର କମିଟି ଏହାର ତଦନ୍ତ କରୁଛି ।


ଭାଙ୍ଗି ପଡିଥିବା ଛାତ୍ରୀନିବାସ ପ୍ରାଚୀର ।

# ୬୧ ଅଭିଯୋଗର ତ୍ୱରିତ ସମାଧାନ କଲେ ଜିଲାପାଳ


ଜିଲାପାଳ ଲୋକଙ୍କ ଅଭିଯୋଗ ଉପରେ ଆଲୋଚନା କରୁଛନ୍ତି ।

**କୋରେଇ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣୀ**

କୋରେଇ,୯।୧୦(ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର କୋରେଇ ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୧୪୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ବ୍ୟକ୍ତିଗତ ଭାବେ ୯୩ ଓ ସମୂହ ଭାବେ ୧୨ଟି ଅଭିଯୋଗ ହୋଇଥିବା ବେଳେ ୪୪ଜଣ ଅଭିଯୋଗକାରୀ ଅନୁପସ୍ଥିତ ଥିଲେ । ରେଡକ୍ରସରୁ ସହାୟତା ପାଇଁ ୩୪ ଅଭିଯୋଗ ଥିଲା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ୨୪ ଅଭିଯୋଗ ଆସିଥିଲା । ଜିଲାପାଳ ରାଠୋର ୬୧ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, କୋରେଇ ବିଡ଼ିଓ ରଞ୍ଜନ କୁମାର ପରିଡା, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କ ସହିତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଟ୍ରକ ପଛକୁ ଧକ୍କା ଦେଲା ଟ୍ରକ, ଚାଳକ ମୃତ

କଳିଙ୍ଗନଗର,୯।୧୦(ଶୁଭାଶିଷ ରାଉତ )

ଦୈତାରୀ–ପାରାଦୀପ ରାସ୍ତାର ଶଗଡ଼ଗୁଳା ଛକ ନିକଟରେ ସୋମବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ାର ମନୋରଞ୍ଜନ ବସନ୍ତିଆ । ମନୋରଞ୍ଜନ ଏକ ୧୪ ଚକିଆ ଟ୍ରକରେ ଯୋଡ଼ାରୁ ଚେନ୍ନାଇ ଯାଉଥିଲେ। ଟମକା ଦେଇ ଡୁବୁରୀ ଆଡ଼କୁ ଆସୁଥିବା ବେଳେ ଶଗଡ଼ଗୁଳା ଛକ ନିକଟରେ ଏକ ହମ୍ପସରେ ଆଗରେ ଯାଉଥିବା ଏକ ହାଇୱା ଗାଡ଼ି ବ୍ରେକ ମାରିଥିଲା। ଫଳରେ ପଛରେ ଆସୁଥିବା ୧୪ ଚକିଆ ଗାଡ଼ି ସହ ଅନ୍ୟ ଏକ ୧୪ ଚକିଆ ଗାଡ଼ି ପଛ ପଟୁ ଧକ୍କା ଦେଇଥିଲା। ଫଳରେ ୧୪ ଚକିଆ ଗାଡ଼ିର ଡ୍ରାଇଭର ମନୋରଞ୍ଜନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ କଳିଙ୍ଗନଗର ପୋଲିସ ପହଞ୍ଚି ୧୪ ଚକିଆ ଟ୍ରକ ଆଗରେ ଚାପି ହୋଇ ରହିଥିବା ଡ୍ରାଇଭର ମନୋରଞ୍ଜନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇ ଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ଜେନାପୁର,୯।୧୦(ଅଶୋକ ଦାସ)

ଧର୍ମଶାଳା ବ୍ଲକ୍ ଜେନାପୁର ଗୋପବନ୍ଧୁ ପ୍ରେସକ୍ଲବ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୬ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବର ସଭାପତି ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର, କ୍ଲବର ଉପସଭାପତି ବାବୁଲି ରାଉତ, ସମ୍ପାଦକ ଚିତ୍ରସେନ ନାଥ , ସହ ସମ୍ପାଦକ ବସନ୍ତ କୁମାର ମଲିକ ,କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ , ନିଷ୍କାନ୍ତ ଖଟୁଆ , ପ୍ରଶାନ୍ତ ସାମଲ ,ବିନୟ ଜେନାମଣି, ଆମର ଭୁଇଁଆ, ଅସିତ ନାୟକ ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିକରି ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଜେନାପୁରସ୍ଥିତ ବାଲିଯାତ୍ରା ପଡ଼ିଆରେ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତି, ସାମାଜିକ କର୍ମୀ ଅଜୟ କୁମାର ଦାସ, ବଣମଲ୍ଲୀ ସେବା ସଙ୍ଗଠନର ଉପଦେଷ୍ଟା ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳ, ବାବାଜୀ ଚରଣ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ଶିକ୍ଷକ ପ୍ରମୋଦ କୁମାର ମଲିକ ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ସଭାପତି କ୍ଷେତ୍ରବାସୀ ରାଉତଙ୍କ ସମେତ ସମସ୍ତ ସଭ୍ୟ ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।


ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ସମ୍ପୂର୍ଣ୍ଣ ମଦ ମୁକ୍ତ ଓଡ଼ିଶା ଦାବିରେ ଗଣ ସତ୍ୟାଗ୍ରହ

ଯାଜପୁର ଟାଉନ,୯।୧୦
(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ସମ୍ପୂର୍ଣ୍ଣ ମଦ ଓ ନିଶା ମୁକ୍ତ ଓଡ଼ିଶା ଦାବିରେ ଗତ ୧୩ ବର୍ଷ ଧରି ଆନ୍ଦୋଳନ ଜାରି ରଖିଥିବା ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ନିଶା ନିବାରଣ ସପ୍ତାହ ପାଳନ କରାଯାଇଛି। ସୋମବାର ଉଦଯାପନୀ ଦିବସରେ ଯାଜପୁର ସହରସ୍ଥିତ ଗାନ୍ଧୀ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଯାଜପୁର ଜିଲା ଶାଖା ତରଫରୁ ଶାନ୍ତିପୂର୍ଣ୍ଣ ଗଣ ସତ୍ୟାଗ୍ରହ ଅନୁଷ୍ଠାନର ଯାଜପୁର ଜିଲା ସମ୍ପାଦକ ସତ୍ୟରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସରକାର ଓଡିଶାକୁ ସମ୍ପୂର୍ଣ୍ଣ ମଦ ଓ ନିଶା ମୁକ୍ତ ରାଜ୍ୟ ଭାବେ ଘୋଷଣା କରିବାକୁ ଦୃଢ ଦାବି କରିଥିଲେ। ଉକ୍ତ ସତ୍ୟାଗ୍ରହରେ ବରିଷ୍ଠ ସାମାଜିକ କର୍ମୀ କୁଳମଣି ଶୁକ୍ଳ ଯୋଗଦେଇ ମଦର କୁପ୍ରଭାବରେ ମାରାତ୍ମକ ରୋଗ, ସାମାଜିକ ବିଶୃଙ୍ଖଳା, ଗଣବଳାତ୍କାର ଭଳି ବିବିଧ ଅପରାଧ, ସଡ଼କ ଦୁର୍ଘଟଣା ଜନିତ ଜୀବନହାନୀ, ସାଂସ୍କୃତିକ ବିଭ୍ରାଟ, କୁଶିକ୍ଷାରର ପ୍ରସାର ଦିଗରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ରାଜ୍ୟରେ ମଦ ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ ଓ ସଂଗଠନ ସମ୍ପାଦକ କାହ୍ନୁ ଚରଣ ବେହୁରା ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରଣୀତ ନିଶା ନିବାରଣ ଆଇନ୍,୧୯୫୬କୁ ରାଜ୍ୟରେ ଦୃଢ ଦଣ୍ଡ ବିଧାନ କରିବାକୁ ଦାବି କରିଥିଲେ । ପଦ୍ମକର ଗୁରୁ, ଅଞ୍ଚଳ ଦାସ, ମଳୟ ପଣ୍ଡା, ହରିଶ୍ଚନ୍ଦ୍ର ପଣ୍ଡା, ଧୀରେନ୍ଦ୍ର ନାୟକ, ରଞ୍ଜନ ଜେନା, ଭୁବନାନନ୍ଦ ସାମଲ, ପ୍ରଶାନ୍ତ ବେହୁରିଆ, ତାରାକାନ୍ତ ଆଚାର୍ଯ୍ୟ, ସନ୍ତୋଷ ନନ୍ଦ, ଦେବେନ୍ଦ୍ର ଦାସ, ପ୍ରମୁଖ ଗାନ୍ଧୀ ବିଚାରରେ ସଚ୍ଚୋଟ ଭାବେ ବିଶ୍ୱାସ ରଖୁଥିବା ବହୁ ମହିଳା ଓ ପୁରୁଷ ସାମାଜିକ କର୍ମୀ ଯୋଗ ଦେଇଥିଲେ ।

# ଶୃଙ୍ଖଳିତ ଦୁର୍ଗାପୂଜା ପାଇଁ ଗୁରୁତ୍ୱ



ପ୍ରସ୍ତୁତି ବୈଠକରେ ଶାନ୍ତି ଓ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି ।

**ପୁରୁଷୋତ୍ତମପୁର ଦୁର୍ଗାପୂଜା ଶାନ୍ତି କମିଟିର ପ୍ରସ୍ତୁତି ବୈଠକ**

ଯାଜପୁର ସଦର,୯।୧୦(ସମର ବିଜୟ ଶରଣ)

ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁରଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ସୋମବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି କମିଟିର ଅଧ୍ୟକ୍ଷ ବ୍ରଜ କିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପୁରୁଷୋତ୍ତମପୁର ଗ୍ରାମର ରାୟସାହି ଦୁର୍ଗାମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଦର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଓ ଏସ୍ଆଇ ମନୋଜ କୁମାର ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ସୁଜିତ୍ ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଘୋଷ ସାହି ପୂଜା କମିଟି ପକ୍ଷରୁ ଅଞ୍ଜନ କୁମାର ଘୋଷ,ସଞ୍ଜୟ କୁମାର ଦାସ,ଅକ୍ଷୟ କୁମାର ଦାସ,ଆଶୁତୋଷ ବାନାର୍ଜୀ,ବିପିନ ବିହାରୀ ଦଳେଇ,ତପନ କୁମାର ଓଝା,ହରଗୌରୀ ପୂଜା କମିଟିର ସୁଶାନ୍ତ ବେହେରା,କୈଳାସ ଚନ୍ଦ୍ର ବେହେରା,ଦାମୋଦର ବେହେରା,ଶ୍ୟାମ ସୁନ୍ଦର ବେହେରା, ସନାତନ ବେହେରା,ବିଶନାଥ ଓଝା,ଗୁରୁଚରଣ ବେହେରା,ଦିୱାନ ସାହି ପୂଜା କମିଟିର ମଦନ ମୋହନ ଘୋଷ,ରବୀନ୍ଦ୍ର ବେହେରା,ମାଧବ ମାଝି,ବିଭୂତି ଭୂଷଣ ନାୟକ,ରାୟ ସାହି ପୂଜା କମିଟିର ଉଦୟ ଶଙ୍କର ରାୟ, ଦୀପକ ଶଙ୍କର ରାୟ,ସୁକ୍ରି ରାୟ,ସୂର୍ଯ୍ୟ ନାରାୟଣ ଦାସ,ସୁରେଶ କୁମାର ରାଉତ,ମଦନ ମୋହନ ବେହେରା,ଅଭୟ କୁମାର ବୋଷ ପ୍ରମୁଖ ଯୋଗ ଦେଇ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା କିପରି ଆକର୍ଷଣୀୟ ହେବ ତାହା ଉପର ଆଲୋଚନା କରିଥିଲେ ।

ଚଳିତବର୍ଷ ଦୁର୍ଗା ପୂଜା ଉପଲକ୍ଷେ ଦୁର୍ଗା ମେଢ଼ ଭସାଣି ଉତ୍ସବ ଓ ରାବଣ ପୋଡ଼ିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ସଦର ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ଭସାଣି ସମୟରେ ମେଢ଼ ସମ୍ମୁଖରେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ଡିଜେ ନ ବ୍ୟବହାର କରିବାକୁ ମତ ପ୍ରକାଶ ପାଇଥିଲା । ଦୁର୍ଗା ପୂଜା ଉପଲକ୍ଷେ ଗ୍ରାମ ପରିବେଶ ପରିଷ୍କାର ପରିଚ୍ଛନ୍ନ ଓ ଆଇନ ଶୃଙ୍ଖଳା ପ୍ରତି ସତନ୍ତ୍ର ଦୃଷ୍ଟି ଦେବାପାଇଁ କମିଟିର ଅଧ୍ୟକ୍ଷ ପାଢ଼ୀ ସ୍ଥାନୀୟ ସରପଞ୍ଚ ଓ ପୋଲିସ ପ୍ରଶାସନର ସହଯୋଗ କାମନା କରିଥିଲେ। ଭସାଣି ଉତ୍ସବ ନିର୍ଦ୍ଧାରିତ ସମୟ ସକାଳ ୧୦ ଟାରେ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ସାରିବାକୁ କମିଟି ପକ୍ଷରୁ ସମସ୍ତ ପୂଜା ମଣ୍ଡପକୁ ଅବଗତ କରାଯାଇଥିଲା। ଉଦୟ ଶଙ୍କର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାସନଗରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଯାଜପୁରରୋଡ,୯।୧୦
(ପବିତ୍ର ରଞ୍ଜନ ମହାନ୍ତି):


ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ ।

କୋରେଇ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ବ୍ୟାସନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ନେତୃତ୍ୱରେ ଶତାଧିକ ବଜେଡି କର୍ମୀ ଏବଂ ନେତା ଚୋରଦା ଛକରୁ ବାହାରି ଗୋପବନ୍ଧୁ ଛକରେ ପହଞ୍ଚି ଥିଲେ। ସେଠାରେ ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଗୋପବନ୍ଧୁ ଛକରେ ମାଲ୍ୟାର୍ପଣ ପରେ ଦଳା ଛକରେ ଥିବା ୱାଟକୋ ଅଫିସରେ ଦଳୀୟ କର୍ମୀ ଓ ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାର ଆଭାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ଅଶୋକ କୁମାର ବଳ,ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ,ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ,ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ,ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି,ଯୁବ ସଭାପତି ମନୋଜ ପରିଡା,ବ୍ୟାସନଗର ସାଧାରଣ ସମ୍ପାଦକ ମହେଶ ଧଳ,ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି,କାଉନସିଲର ଶିବାନନ୍ଦ ନାୟକ,ଜିଲା ସାଧାରଣ ସମ୍ପାଦିକା ରଶ୍ମିତା ପଣ୍ଡା,ରମ୍ୟରଞ୍ଜନ ପୁହାଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା**

ପାରାଦୀପ, (ଶରତ ରାଉତ): ପାରାଦୀପ ନଗର ବିଜେଡି ପକ୍ଷରୁ ସୋମବାର ସନ୍ଧ୍ୟାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ। ସେମାନେ ବଡ଼ପଡିଆ ଥାନା ଛକଠାରୁ ପଦଯାତ୍ରାରେ ବାହାରି ନୂଆବଜାରସ୍ଥିତ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ବାଟରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରିଥିଲେ। ନଗର ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପଦଯାତ୍ରାରେ ସବୁବର୍ଗର କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ଉଲ୍ଲାସ ବିଶ୍ୱାଳ, ଜ୍ୟୋତିକାନ୍ତ ପରିଡ଼ା, ଚପଳା ସ୍ୱାଇଁ, ଆଲୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କର କୌମାରୀ ବେଶ



ନାଉଗାଁ,୯।୧୦(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ସରୋଘ୍ୟୋସ୍ଥିତ ମା' ସିଦ୍ଧିଦାତ୍ରୀଙ୍କ ଶାରଦୀୟ ପାର୍ବଣ ଅବସରରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ମା'ଙ୍କର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପାର୍ବଣର ୩ୟ ଦିବସରେ ମା'ଙ୍କୁ କୌମାରୀ ରୂପରେ ସୁସଜ୍ଜିତ କରାଯାଇଛି। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଉକ୍ତ ପୂଜା କରାଯାଉଥିବାବେଳେ ସମ୍ପାଦକ ଅକ୍ଷୟ ମିଶ୍ର ଏହାକୁ ପରିଚାଳନା କରିଥିଲେ। ମା'ଙ୍କ ଏହି ବେଶ ଦେଖିବା ପାଇଁ ପୀଠରେ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

### ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ବିୟୋଗରେ ଶୋକ

କୁଜଙ୍ଗ,୯।୧୦ (ମନୋଜ ପ୍ରଧାନ)

ସର୍ବଭାରତୀୟ ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବାମାତ୍ରେ କୁଜଙ୍ଗ-ପାରାଦୀପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ହିନ୍ଦ ମଜଦୁର ସଭାର ବରିଷ୍ଠ ଶ୍ରମିକନେତା ତଥା ରାଜ୍ୟ ବିଜୁଶ୍ରମିକ ସାମ୍ମୁଖ୍ୟର ଉପସଭାପତି ଆଇନଜୀବୀ ଅମୃତ ଦାସ, ପାରାଦୀପ ଫସ୍‌ଫେଟ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଖଟୁଆ, ଅଜୟ କୁମାର ସ୍ୱାଇଁ, ପାରାଦୀପ ପୋର୍ଟ ମଜଦୁର ସଭା ସଂଘର ଅନନ୍ତ ଦାସ, ନୃସିଂହ ଶତପଥୀ, ଆରସେଲ ମିତ୍ତଲ ନିପନ ଷ୍ଟିଲ ମଜଦୁର ସଂଘର ଅକ୍ଷୟ କର, ଚିତ୍ରସେନ ରାୟ, ଶ୍ରମିକ ନେତା ଗୋଲେଖ ନାୟକ, ରଞ୍ଜନ ସାହୁଙ୍କ ସମେତ ହିନ୍ଦ ମଜଦୁର ସଭା ସହ ଅନୁବନ୍ଧିତ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି ।

### ଆଦର୍ଶ ପ୍ରୟାସ ସଙ୍ଗଠନକୁ ୱାଇଲ୍ଡ ଲାଇଫ ସମ୍ମାନ

ପାରାଦୀପ,୯।୧୦(ଶରତ ରାଉତ)

ପାରାଦୀପର ଅଗ୍ରଣୀ ପରିବେଶୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସକୁ ସୋମବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ୱାଇଲ୍ଡ ଲାଇଫ୍ ଆୱାର୍ଡ ମିଳିଛି। ରାଜନଗର ବନଖଣ୍ଡ କାର୍ଯ୍ୟାଳୟରେ ଡିଏଫ୍‌ଓ ସୁଦର୍ଶନ ଯାଦବ, ତହସିଲଦାର ଅଶ୍ୱିନୀ ଭୂୟାଁ ଏହି ଆୱାର୍ଡକୁ ସଙ୍ଗଠନ ସଭାପତି ଦେବକଲ୍ୟାଣ ମହାପାତ୍ରଙ୍କୁ ଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ପାଇଁ ଉକ୍ତ ସଙ୍ଗଠନ ଏହି ସମ୍ମାନ ପାଇଛି। ଏହି ପୁରସ୍କାର ମିଳିବା ପରେ ସଙ୍ଗଠନର ଯୁବ ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି ସଙ୍ଗଠନ ପାରାଦୀପ ତଥା ଆଖପାଖ ଅଞ୍ଚଳରେ ବ୍ୟାପକ ସବୁଜ ବଳୟ ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି।

### ଜିଲାପାଳଙ୍କ ଜନଶୁଣାଣିରେ ୭୩ ଅଭିଯୋଗ

ରଘୁନାଥପୁର,୯।୧୦(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲାପାଳ ପାରୁଲ ପଟାୱାରୀ ଅଭିଯୋଗଗୁଡ଼ିକର ଶୁଣାଣି କରିଥିବାବେଳେ ସେଥିରୁ ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ଜନଶୁଣାଣିରେ ୧୧ଟି ଗୋଷ୍ଠିଗତ ଅଭିଯୋଗ ହୋଇଥିବାବେଳେ ରାଶନ କାର୍ଡ ସମ୍ପର୍କିତ ୧୬, ଜମିଜମା ୧୨, ଭତ୍ତା ପାଇଁ ୧୨ ଓ ଅନ୍ୟାନ୍ୟ ୧୦ଟି ସମସ୍ୟା ପଞ୍ଜିକୃତ ହୋଇଥିଲା। ଜନଶୁଣାଣିରେ ଜିଲା ଏସ୍‌ପି ରାହୁଲ ପି ଆର, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ସହକାରୀ ବିକାଶ ତଥା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ବିଡିଓ ତପନ କୁମାର ସେନାପତି, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଯୋଗଦେଇଥିଲେ।

# ବିଶ୍ୱତାପନଜନିତ ଜଳବାୟୁ ପରିବର୍ତ୍ତନ ମନୁଷ୍ୟକୃତ

ଜଗତ୍‌ସିଂହପୁର, ୯।୧୦ (ପ୍ରମୋଦ କୁମାର ନାୟକ)




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବିଶ୍ୱତାପନଜନିତ ଜଳବାୟୁ ପରିବର୍ତ୍ତନ ଚିନ୍ତାର କାରଣ ହୋଇଛି। ଦୁଃଖର କଥା ହେଲା ଏହା ମନୁଷ୍ୟକୃତ। ଲୋକେ ଏବେଠୁ ସଚେତନ ନ ହେଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ। ସ୍ଥାନୀୟ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜଳବାୟୁ ପରିବର୍ତ୍ତନ ଓ ଏହାର ମୁକାବିଲା ପାଇଁ ଆହ୍ୱାନ ଶୀର୍ଷକ ପିଲାଙ୍କ ତାତ୍ତ୍ୱିକ ଆଲୋଚନାଚକ୍ରରେ ଅତିଥିମାନେ ଏହା କହିଛନ୍ତି । ଭାରତୀୟ ପାଣିପାଗ ସୋସାଇଟି ଭୁବନେଶ୍ୱର ଶାଖା ସହାୟତାରେ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ପକ୍ଷରୁ ଆୟୋଜିତ ଏହି ଉତ୍ସବର ଉଦ୍‌ଘାଟନୀ ସଭାରେ ସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା ପୌରୋହିତ୍ୟ କରିଥିଲେ। ବାବା ଶ୍ରୁତିସାଗର ସରସ୍ୱତୀ ମୁଖ୍ୟ ଅତିଥି, କୃଷି ବିଶାରଦ ରମେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଲେଙ୍କା ଓ ପ୍ରଧାନ ଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଆଞ୍ଚଳିକ ସଂଯୋଜକ ଅଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ୬୯ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୩ ଉପଲକ୍ଷେ ଇନ୍‌ସାଫ ପକ୍ଷରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ବୈଷୟିକ ସୋପାନରେ ଇନ୍‌ସାଫର ସାଙ୍ଗଠନିକ ଉପଦେଷ୍ଟା ତଥା ବର୍ଷୀୟାନ ଗାନ୍ଧିବାଦୀ ବଂଶୀଧର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଆଲୋଚକଭାବେ ଭାରତୀୟ ପାଣିପାଗ ସୋସାଇଟିର ସମ୍ପାଦକ ପ୍ରଫେସର ଡ. ନୀହାର ରଞ୍ଜନ ଦାସ ଏବଂ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଡେପୁଟି ପରିଚାଳକ ଇଂ. ଅଜୟ ମହାକୁଡ଼ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ପୃଥିବୀର ବାୟୁମଣ୍ଡଳ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ। ସମ୍ପ୍ରତି ଦେଖାଦେଇଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦେଖି ଉପଯୁକ୍ତ ମୁକାବିଲା କରିବାକୁ ପଡ଼ିବ। ବିଶେଷକରି ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ସମୂହ ନିର୍ଗମନ ହ୍ରାସ ହେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ। ମୋଟାମୋଟି ଭାବେ ଆମେ ଆମ୍ଭମାନଙ୍କ ଜୀବନ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣି ଅତି ସହଜ ଓ ସରଳ ବାସ୍ତବଧର୍ମୀ କାର୍ଯ୍ୟଧାରାକୁ ଆପଣାଇବା ଜରୁରୀ ବୋଲି କୁହାଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିଖିତ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ରୋହିତ କୁମାର ମହାପାତ୍ର ଓ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଗତି ପ୍ରିୟମ୍ବଦା ଜେନା ବିବରଣୀ ଲିପିବଦ୍ଧ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ସାରଗର୍ଭକ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମହାନ୍ତି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ରାମଚନ୍ଦ୍ର ଶତପଥୀ, କାର୍ତ୍ତିକଚନ୍ଦ୍ର ମୁଦୁଲି, ଅକ୍ଷୟ କୁମାର ମହାନ୍ତି, କୈଳାସ ଚନ୍ଦ୍ର ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଶ୍ରଦ୍ଧାମୟୀ ସ୍ୱାଇଁ, ସ୍ମିତା ଦାସ, ସୁନନ୍ଦା ସାହୁ, ସୋନାଲି ଖୁଣ୍ଟିଆ, ନିବେଦିତା ସ୍ୱାଇଁ, ପ୍ରଗତି ପ୍ରିୟମ୍ବଦା ଜେନା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନମାଳୀ, ବେହେରା, ଅନିଲ ଦାସ, ମନୋଜ ନାୟକ ଓ ମନସ୍ୱିନୀ ଦାସଙ୍କ ସମେତ ମୁଖ୍ୟ ଅତିଥି ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ କୈଳାସ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ପ୍ରଦୀପ ନାୟକ ପାଇଲେ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର

### ୬୯ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ



ସଭାରେ ଅତିଥିମାନେ ପୁରସ୍କୃତ କରୁଛନ୍ତି

ରାଜନଗର, ୯।୧୦ (ଭାସ୍କର ରାଉତରାୟ)

ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ୬୯ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବନାଞ୍ଚଳ ଅଧୀନରେ ଥିବା ଗୁପ୍ତି ବନ ବିଭାଗ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଆୟୋଜନ କରାଯାଇଥିଲା। ଅକ୍ଟୋବର ୨ ପବିତ୍ର ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ବନ୍ୟପ୍ରାଣୀ ସପ୍ତାହ ଅବସରରେ ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ବନାଗ୍ନି ଓ ବନ୍ୟପ୍ରାଣୀ' ଓ 'ଆମ ସଂସ୍କୃତିରେ ବନ୍ୟପ୍ରାଣୀ' ବିଷୟ ଉପରେ ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅତିରିକ୍ତ ବନ ସଂରକ୍ଷକ ପୁନମହୀରା ହାଁସଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଜାତୀୟ ବନ୍ୟପ୍ରାଣୀ ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବିରଳ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ପରିବେଶବିତ୍‌ମାନଙ୍କର ସହଯୋଗ ଲୋଡ଼ିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଯୋଗଦେଇ ପ୍ରକୃତିର ଗନ୍ତାଘର ଭିତରକନିକା ଜାତୀୟ ଉଦ୍ୟାନର ବିଭବ। ଏହା ଆମ ରାଜ୍ୟ ପାଇଁ ପ୍ରକୃତିର ଅନବଦ୍ୟ ଉପହାର ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡ଼ା ଜିଲାରୁ ପ୍ରକୃତିବନ୍ଧୁ ପ୍ରଦୀପ ନାୟକ ଏବଂ ଜଗତ୍‌ସିଂହପୁର ଜିଲାରୁ ପ୍ରକୃତିବନ୍ଧୁ ଦେବ କଲ୍ୟାଣ ମହାପାତ୍ରଙ୍କୁ ଚଳିତବର୍ଷ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ପୁରସ୍କାର ମୁଖ୍ୟଅତିଥି ତହସିଲଦାର ଭୂୟାଁ ଏବଂ ଡିଏଫ୍‌ଓ ଯାଦବ ପ୍ରଦାନ କରିଥିଲେ। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କନିକା ରେଞ୍ଜ ଅଫିସର ମାନସ ଦାସ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣା, ମହାକାଳପଡା ରେଞ୍ଜ ଅଫିସର କାର୍ତ୍ତିକେଶ୍ୱର ଖଣ୍ଡେଇ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ପୂର୍ବତନ ସରପଞ୍ଚ ଖଗେଶ୍ୱର ଲେଙ୍କା, ଗିରିଶ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ଫରେଷ୍ଟର ବିଜୟ କୁମାର ପାତ୍ର, ବିଭୂତି ତରାଇ, ତ୍ରିଦୀପ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଅତିରିକ୍ତ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଜୁନିୟର ହକି ପ୍ରତିଯୋଗିତା: ଜଗତ୍‌ସିଂହପୁର ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି

ପାରାଦୀପ,୯।୧୦(ଶରତ ରାଉତ)

ଭୁବନେଶ୍ୱରରେ ଚାଲିଥିବା ରାଜ୍ୟ ଜୁନିୟର ହକି ପ୍ରତିଯୋଗିତାରେ ସୋମବାର ଜଗତ୍‌ସିଂହପୁର ଟିମ୍ ବିଜୟୀ ହୋଇଛି। ଫାଇନାଲ ମ୍ୟାଚ କଟକ ଓ ଜଗତ୍‌ସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ୨-୦ ଗୋଲରେ ଜଗତ୍‌ସିଂହପୁର ବିଜୟୀ ହୋଇଛନ୍ତି। ଜଗତ୍‌ସିଂହପୁର ଟିମ୍‌ର ବିନୟ ଖିଲାର ଓ ଆୟୁଷ ବେହେରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗତବର୍ଷ ଏହି ଟିମ୍ ପ୍ରଥମ ମ୍ୟାଚରେ କଳାହାଣ୍ଡିକୁ ହରାଇ ଚର୍ଚ୍ଚାରେ ରହିଥଲା। ଟିମ୍‌ର ଏପରି ସଫଳତାକୁ ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ନାୟକ, ପିପିଏଲ୍ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ଡିଏଭି ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଜଗତ୍‌ସିଂହପୁର ଟିମ୍ ପିପିଏଲ୍ ଡିଏଭି ସ୍କୁଲ ପରିସରରେ ପ୍ରାଥମିକ ଅଭ୍ୟାସ କରିଥାଏ। ସ୍କୁଲ ପରିସରରେ ତୃଣମୂଳସ୍ତରୀୟ ହକି ଗ୍ରାଉଣ୍ଡ କରାଯାଇଛି। ଏନେଇ ପିପିଏଲ କମ୍ପାନୀ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି।

## ଉତ୍କଳମଣି ଗୋପବନ୍ଧୁ ତ୍ୟାଗ, ସେବାର ପ୍ରତୀକ

ନାଉଗାଁ,୯।୧୦(ସୁଧା ବେହୁରା)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସୋମବାର ନାଉଗାଁସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଡା. ଚାଇନା ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ତହସିଲଦାର ଏସ.କେ ସାଗିର, ମୁଖ୍ୟବକ୍ତା ଭାବେ ନାଉଗାଁ ଭାରପ୍ରାପ୍ତ ବିଡିଓ ଦେବେନ୍ଦ୍ର ପ୍ରଧାନ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ତ୍ୟାଗ ଓ ସେବାର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା, ଅଧ୍ୟାପକ ପ୍ରଭାତ ଶତପଥୀ, ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ରେଡ୍‌କ୍ରସ୍ ସଂଯୋଜକ ଚୈତନ୍ୟ ପରିଡ଼ା, ସୁଧାଂଶୁ ମୋହନ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୟିନୀ ପଡ଼ିହାରୀ ପରିଚାଳନା କରିଥିଲେ। ଅଧ୍ୟାପକ ଦୀନବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଂଶ ଗାଁରେ ସାମାଜିକ କର୍ମୀ ସୁବାସ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦର୍ଶନ ସ୍ୱାଇଁ, ବିଶ୍ୱଜିତ ଦାସ, ପ୍ରିୟତମା ସ୍ୱାଇଁ, ସ୍ନେହଲତା ସ୍ୱାଇଁ, ବିଜୟଲକ୍ଷ୍ମୀ ମହାରଣା, ଆଦିତ୍ୟ ମୁଦୁଲି, ଜ୍ୟୋତିରଞ୍ଜନ ରାଉତଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ବାଂଶ ଗାଁରୁ ଏକ ଶୋଭାଯାତ୍ରା ବାହାରି ଅଲିଶ୍ୱର, ଚାନ୍ଦପୁରା, ବାଲିସାହି, କୋକିଡିଆ ଆଦି ଗାଁ ଦେଇ ନାଉଗାଁ ବଜାରରେ ପହଞ୍ଚିଥିଲା। ସେଠାରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ସ୍ୱାଇଁ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ କହିଥିଲେ।

## କଂଗ୍ରେସର ଘରେ ଘରେ ହାତ ସଂକଳ୍ପ ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ।

କୁଜଙ୍ଗ,୯।୧୦ (ମନୋଜ ପ୍ରଧାନ)

ଜାତୀୟ କଂଗ୍ରେସର ଆହ୍ୱାନ ଓ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏରସମା ବ୍ଲକର ୪ନମ୍ବର ଜୋନରେ ସୋମବାର ଘରେ ଘରେ କଂଗ୍ରେସ ଘରେ ଘରେ ହାତ ସଙ୍କଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।
ପୂର୍ବତନ ବିଧାୟକ ତଥା ପିସିସି ସମ୍ପାଦକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର ଓ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଇ. ନଳିନୀକାନ୍ତ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ପୂର୍ବାହ୍ନରେ ଢିଙ୍କିଆ ପଞ୍ଚାୟତ ଅର୍ନ୍ତଗତ ତ୍ରିଲୋଚନପୁରରୁ ଏହି ପଦଯାତ୍ରା ବାହାରି ନୂଆଗାଁ ପଞ୍ଚାୟତ ପରିକ୍ରମା କରିବାପରେ ଅପରାହ୍ନରେ ଗଡ଼କୁଜଙ୍ଗ ପଞ୍ଚାୟତରେ ପହଞ୍ଚ ଥିଲା। ଏହି ପଦଯାତ୍ରା ସମୟରେ ନେତୃମଣ୍ଡଳୀମାନେ ସାଧାରଣ ଲୋକଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଶାସନ କାଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆକାଶଛୁଆଁ ହୋଇଛି। କେବଳ ଜାତୀୟ କଂଗ୍ରେସ ହିଁ ରାଜ୍ୟ ତଥା ଦେଶରେ ସୁଶାସନ ଦେଇପାରିବ ବୋଲି ସେମାନେ କହିଥିଲେ । ଉକ୍ତ ପଦଯାତ୍ରାରେ ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ଅଧକ୍ଷ ଜଗଜ୍ଜୀବନ ମହାନ୍ତି, ୪ ନଂ. ଜୋନର ଜିଲା ପରିଷଦ ସଦସ୍ୟ ପିନାକୀ ଦାସ, ଏରସମା ବ୍ଲକ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ବଳେଇପୁର ସରପଞ୍ଚ ସୁଷମା ସ୍ୱାଇଁ, ଧ୍ୱଜରାଜ ଖଣ୍ଡୁଆଳ ଓ ଅଖିଳବଲ୍ଲଭ ସ୍ୱାଇଁ ପ୍ରମୁଖଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଶୋକାକୁଳ ପରିବେଶରେ ଶହୀଦଙ୍କ ଶେଷକୃତ୍ୟ ସମ୍ପନ୍ନ

ଜଗତ୍‌ସିଂହପୁର, ୯।୧୦ (ପ୍ରମୋଦ କୁମାର ନାୟକ)



ଶହୀଦ ସତ୍ୟ ନାରାୟଣ ପାଲଙ୍କୁ ତୋପ ସଲାମୀ ଦିଆଯାଉଛି।

ବିରିଡ଼ି ବ୍ଲକ ବାରଡ଼ିଆ ଗ୍ରାମର ଶେଷଦେବ ପାଲଙ୍କ ପୁତ୍ର ସତ୍ୟ ନାରାୟଣ ପାଲ (୩୨)ଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି। ସେ ୧୦ ବର୍ଷ ହେବ ବିଏସ୍‌ଏଫ୍ ଯବାନ ଭାବେ କାର୍ଯ୍ୟ କରିଆସୁଥିଲେ। କୋଲକାତାରେ ନିଯୁକ୍ତି ପାଇଥିବା ବେଳେ କିଛିଦିନ ପୂର୍ବରୁ ଛୁଟିରେ ଗାଁକୁ ଆସିଥିଲେ। କୌଣସି କାମରେ ରବିବାର ଭୁବନେଶ୍ୱର ଯାଇ ସନ୍ଧ୍ୟାରେ ଫେରୁଥିବାବେଳେ ଗୋବିନ୍ଦପୁର ଥାନା ଚୌପଡ଼ାଠାରେ ସଡକ ଦୁର୍ଘଟଣାରେ ପାଲଙ୍କ ମୃତ୍ୟୁ ଘଟିଛି। ସେ ଦେଢ଼ବର୍ଷ ପୂର୍ବରୁ ବିବାହ କରିଥିଲେ। ଏହି ଖବର ମିଳିବା ପରେ ପରିବାର ସମତେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ବିଏସ୍‌ଏଫ ଯବାନମାନଙ୍କ ଉପସ୍ଥିତିରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରିବାର ଲୋକେ ଶେଷଦର୍ଶନ ପରେ ଗ୍ରାମ ଶ୍ମଶାନରେ ବିଏସ୍‌ଏଫ ପକ୍ଷରୁ ତୋପ ସଲାମି ଦିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ମୃତଦେହ ଦାହ କରାଯାଇଛି । ଏହି ସମୟରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, କିଶୋର ପାଲ, ରତିକାନ୍ତ ପାଲ, ବାରଡିଆ ସରପଞ୍ଚ ମନୋରଞ୍ଜନ ଭୋଇଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# କବି ସୁରେଶ ପ୍ରଧାନଙ୍କୁ ପୁରୁଷୋତ୍ତମ ସେବା ସମ୍ମାନ



ରାଜପାଳ ବିଶ୍ୱଭୂଷଣ ହରିଚନ୍ଦନ କବି ସୁରେଶ ପ୍ରଧାନଙ୍କୁ ପୁରୁଷୋତ୍ତମ ସେବା ସମ୍ମାନରେ ସମ୍ମାନିତ କରୁଛନ୍ତି।

କୁଜଙ୍ଗ,୯।୧୦(ମନୋଜ ପ୍ରଧାନ)

କୁଜଙ୍ଗ ସାରାସ୍ୱତ ସାଧକ କବି ସୁରେଶ ପ୍ରଧାନଙ୍କୁ ପୁରୁଷୋତ୍ତମ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀକ୍ଷେତ୍ରଧାମ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷର ଏକ ବର୍ଣ୍ଣାଢ୍ୟ ପରିବେଶରେ ଶ୍ରୀ ଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୁଲ୍ୟରେ ଉତ୍କଳୀୟ ସଂସ୍କୃତି ଓ ଶ୍ରୀ ଜଗନ୍ନାଥଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲେ। ଏଥିରେ ଛତିଶଗଡ଼ର ରାଜପାଳ ବିଶ୍ୱଭୁଷଣ ହରିଚନ୍ଦନ ଯୋଗଦେଇ ପ୍ରଧାନଙ୍କୁ ସମ୍ମାନିତ କରିଥିଲେ। ଏନେଇ ବରିଷ୍ଠ କବୟିତ୍ରୀ ତୁଳସୀ ଦାସ, ମାନସୀ ସ୍ୱାଇଁ, ଅନଙ୍ଗ ମହାପାତ୍ର, ବାବୁରାମ ଚୌଧୁରୀ ପ୍ରମୁଖ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଗୋପବନ୍ଧୁଙ୍କ ଆଦର୍ଶକୁ ଆଗାମୀ ପିଢ଼ି ଗ୍ରହଣ କରିବା ଜରୁରୀ

## ନବନିର୍ମାଣ କୃଷକ ସଂଗଠନ ତରଫରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

ରଘୁନାଥପୁର,୯।୧୦(ରାଜେନ୍ଦ୍ର ନାରାୟଣ ସିଂହ)



ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ ଓ ଅନ୍ୟମାନେ।

ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ରଘୁନାଥପୁର ବଜାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରାଯାଇଛି। ଏହି ଉପଲକ୍ଷେ ସଙ୍ଗଠନର କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣାଙ୍କ ପରିଚାଳନାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନର ଉପଦେଷ୍ଟା ବଂଶୀଧର ପଟ୍ଟନାୟକ ଗୋପବନ୍ଧୁଙ୍କ ଆଦର୍ଶ ଏବଂ ନିଷ୍ଠାପର ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନର ଅନ୍ୟତମ ଉପଦେଷ୍ଟା ରମାରଞ୍ଜନ ସ୍ୱାଇଁ ଗୋପବନ୍ଧୁଙ୍କ ଆଦର୍ଶକୁ ଆଗାମୀ ପିଢ଼ି ଗ୍ରହଣ କରିବାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଥିଲେ, ସାମ୍ପ୍ରତିକ ଦୂଷିତ ରାଜନୈତିକ ପୃଷ୍ଠଭୂମିରେ ଗୋପବନ୍ଧୁଙ୍କ ଆଦର୍ଶକୁ ପାଥେୟ କରି ସୁଧାର ଆଣିବା ଅତ୍ୟନ୍ତ ଆବଶ୍ୟକ। ତାଙ୍କ ନୀତି, ଆଦର୍ଶରେ ବିଶ୍ୱାସ ରଖି ଆଗକୁ ଆସିବାକୁ ପଡ଼ିବ ବୋଲି କର୍ମକର୍ତ୍ତା ମହାରଣା ମତବ୍ୟକ୍ତ କରିଥିଲେ। ଶରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ଏମ.ଏନ ହର୍ଷବର୍ଦ୍ଧନ, ଶରତ ମହାପାତ୍ର, ନିଗମାନନ୍ଦ ଦାସ, ସୁରେଶ ପଟ୍ଟନାୟକ, ଆଡଭୋକେଟ ଗଗନ ଦାସ, ବେଣୁଧର ବେହେରା, ସେକ ନାସିରଉଦ୍ଦୀନ, ରଘୁନାଥ ଚୌଧୁରୀ, ବିକାଶ ମହାନ୍ତି, ବାବାଜୀ ନାୟକ, ସତ୍ୟବ୍ରତ ନାୟକ, ପ୍ରଦୀପ ସେଠୀ, ଉମାକାନ୍ତ ସାହୁ, କୈଳାସ ସ୍ୱାଇଁ, ପ୍ରଦୀପ ନାୟକ, ଆଲୋକ ସ୍ୱାଇଁ ଓ ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରେଳ ଚଳାଚଳ ପାଇଁ ଦାବିପତ୍ର ପ୍ରଦାନ

ଦଶପଲ୍ଲା, ୯।୧୦ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅଞ୍ଚଳକୁ ଶୀଘ୍ର ରେଳ ଚଳାଚଳ ପାଇଁ ଭାରତୀୟ ମଜଦୂର ସଂଘ ଦଶପଲ୍ଲା ପକ୍ଷରୁ ସୋମବାର ଏକ ଦାବିପତ୍ର ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦଶପଲ୍ଲାକୁ ରେଳ ଚଳାଚଳ ପାଇଁ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ବେଳେ ଚଳାଚଳ ପାଇଁ ବିଳମ୍ବ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ରେଳ ଚଳାଚଳ ହେଲେ ଜନସାଧାରଣ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଯାତାୟାତ କରିପାରିବେ। ସେଥିପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ସମେତ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି। ଭାରତୀୟ ମଜଦୂର ସଂଘର ଜିଲା ସଭାପତି ବନମାଳୀ ମିଶ୍ର, ମାନସ କୁମାର ସାହୁଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

### ପୋଲ ତଳୁ ଷଣ୍ଢ ଉଦ୍ଧାର

ଭାପୁର, ୯।୧୦ (ଭରତ କୁମାର ବେହେରା)

ଭାପୁର ବ୍ଲକ ଶାସନ ପଞ୍ଚାୟତ ଟିଙ୍କିରିପଡା ଗାଁରେ ୨ଦିନ ଧରି ଗାଁ ନିକଟସ୍ଥ ଏକ ପୋଲ ତଳେ ଷଣ୍ଢଟିଏ ପଡ଼ିରହିଥିଲା। ଟିଙ୍କିରିପଡା ଗ୍ରାମର କଲ୍ୟାଣ କ୍ଲବର ଯୁବଗୋଷ୍ଠୀ ଏହା ଦେଖିବା ପରେ ଷଣ୍ଢକୁ ଉଦ୍ଧାର କରିବା ପାଇଁ ଲାଗି ପଡ଼ିଥିଲେ। ହେଲେ ଷଣ୍ଢକୁ ଉଦ୍ଧାର କରି ପାରି ନ ଥିଲେ। ଏ ନେଇ ସେମାନେ ଭାପୁର ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଭାପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି କଲ୍ୟାଣ କ୍ଲବ ଯୁବଗୋଷ୍ଠୀଙ୍କ ସହାୟତାରେ ଷଣ୍ଢଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ଯୁବଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

### ବିଜୁ ଯୁବ ଭବନରୁ ଏସି ଚୋରି

ନୂଆଗାଁ, ୯।୧୦ (ଧନେଶ୍ୱର ସାହୁ)

ନୂଆଗାଁ ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ବିଜୁ ଯୁବ ଭବନରୁ ରବିବାର ରାତି ଗୋଟିଏ ଏସି ଚୋରି ହୋଇଯାଇଛି। ରାତିରେ ଦୁର୍ବୃତ୍ତ ଉକ୍ତ ଭବନରେ କେହି ରହୁ ନ ଥିବାର ସୁଯୋଗ ନେଇ ଭବନର ତାଲା ଭାଙ୍ଗି ଏସି ଚୋରି କରି ନେଇଛି । ସକାଳୁ ଗୃହର ତାଲା ଭଙ୍ଗା ଯାଇଥିବା ଓ ଏସି ନ ଥିବା ଦେଖି ଥାନାରେ ଲୋକେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ କରାଯିବା ପରେ ଡଗ୍ ସ୍କ୍ୱାଡ ଆସି ତଦନ୍ତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପୋଲିସ ଦୁର୍ବୃତ୍ତଙ୍କ ସନ୍ଧାନ ଚଳାଇଛି ବୋଲି ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ସୂଚନା ଦେଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, ୯।୧୦ (ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ଗିରିଆ ଗ୍ରାମରେ ସୋମବାର ଜଣେ ଯୁବକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ସେହି ଗ୍ରାମର ଶିବ ଦାସ (୨୫) । ମୃତକଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୨୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

# ସାଇବର ସଚେତନତା ରଥକୁ ସ୍ୱାଗତ

ଭାପୁର, ୯।୧୦ (ଭରତ କୁମାର ବେହେରା)



ଭାପୁରରେ ସାଇବର ସଚେତନତା ରଥକୁ ପୋଲିସ ଓ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଉଛି।

ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ ବାହାଡା ବଜାରରେ ସୋମବାର ସାଇବର ସୁରକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। ପ୍ରଥମେ ବାହାଡା ବଜାର ପ୍ରାଙ୍ଗଣରୁ ପୋଲିସ ପ୍ରଶାସନ, ଭାପୁର ତହସିଲଦାର ଲଗ୍ନଜିତ ବେହେରା, ପଠାଣି ସାମନ୍ତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ ଅତିଥିମାନଙ୍କ ଦ୍ୱାରା ସାଇବର ରଥକୁ ସ୍ୱାଗତ କରାଯାଇଥିଲା। ପରେ ସଂକୀର୍ତ୍ତନ ଓ ବାଜା ବଜାଇ ମୁଖ୍ୟଅତିଥି ଏସ୍‌ପି ରାହୁଲ ଜୈନ ଓ ସଚେତନତା ରଥଙ୍କୁ ପଠାଣି ସାମନ୍ତ କଲେଜ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। କଲେଜ ପରିସରରେ ସାଇବର ସଚେତନତାକୁ ନେଇ ବୈଠକ ହୋଇଥିଲା। ମୁଖ୍ୟଅତିଥି ଏସ୍‌ପି ଜୈନ କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ ଅନ୍‌ଲାଇନ ଠକେଇ ସମାଜରେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଡିଜିଟାଲ ଯେତେ ସହଜରେ ଆଗେଇ ଚାଲିଛି ସାଇବର ଠକ ତାକୁ ତାଳ ଦେଇ ସେତିକି ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି। ସାଇବର ଠକମାନେ ଜନତାଙ୍କ ବହୁ କଷ୍ଟ ଉପାର୍ଜିତ ସମ୍ପତ୍ତି ଓ ଧନ ଉପରେ ଲୋଲୁପ ଦୃଷ୍ଟି ରଖିଛନ୍ତି। ତେଣୁ ଲୋଭ, ମାଗଣା ପାଇବା ନିଶା ଓ ଭୟ ଦେଖାଇ ଆଧାର ନମ୍ବର, ପାସବୁକ ନମ୍ବର, ଏଟିମ୍ ନମ୍ବର ମାଗିଲେ ଆମେ ଏଥିପ୍ରତି ସଜାଗ ରହିବା ଆବଶ୍ୟକ। ଏଥିସହ କେବେ ବି ନିଜର ବ୍ୟାଙ୍କ ସମ୍ପର୍କୀୟ ଓଟିପି କାହାକୁ କେବେ ବି ଦେବ ନାହିଁ। ଫତେଗଡ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ୟଙ୍ଗକବି ବ୍ରଜକିଶୋର ସୁବୁଦ୍ଧି ଯୋଗଦେଇଥିଲେ। କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା, ବାଣିକଣ୍ଠ ଯୁଧିଷ୍ଠିର କୁମାର ଖୁଣ୍ଟିଆ, ସୁପରିଚିତ କାଠ ଶିଳ୍ପୀ ଭୀମସେନ ଖୁଣ୍ଟିଆ, କ୍ରିକେଟର ପ୍ରଶାନ୍ତ ରଣା ଓ ଭଲିବଲରେ ରାଜ୍ୟରୁ ପ୍ରତିନିଧି କରୁଥିବା ପ୍ରତିଭା ସୌମ୍ୟରଞ୍ଜନ ମହାରଣା। ଜନ୍ମେଜୟ ଦଳେଇ ମଞ୍ଚ ସଞ୍ଚାଳନ କରିଥିଲେ। କଲେଜରେ ସାଇବର ସୁରକ୍ଷା ଅଭିଯାନ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ସିଲ ଦେଇ ଏସ୍‌ପି ଜୈନ ପ୍ରସଂଶା କରିଥିଲେ। ପରେ ସାଇବର ସଚେତନତା ସୁରକ୍ଷା ରଥକୁ ଭାପୁର ବଜାରରୁ ଭାପୁର ଆଞ୍ଚଳିକ କଲେଜର ଛାତ୍ରୀଛାତ୍ର, ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଭାପୁର ବଜାର ପକ୍ଷରୁ ସ୍ୱାଗତ କରାଯାଇ ଭାପୁର କଲେଜକୁ ପାଛୋଟି ନେଇଥିଲେ। କଲେଜ ପରିସରରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ଗଗନ ବିହାରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ବରାଡ ମଞ୍ଚ ପରିଚାଳନା କରିଥିଲେ। ନାଚଗୀତ ମାଧ୍ୟମରେ ସମସ୍ତଙ୍କୁ ସାଇବର ଠକେଇ ଉପରେ ସଚେତନତା କରାଯାଇଥିଲା। ପରେ ଫତେଗଡ ବଜାରରେ ସାଇବର ରଥକୁ ସ୍ୱାଗତ କରାଯାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଭା ଅନୁଷ୍ଠିତ ହୋଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫତେଗଡ ଥାନା ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକ, ଭାପୁର ଫାଣ୍ଡି ଅଧିକାରୀ ଏମ୍ ଡି ଜାଫୁଲା, ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ପଲେଇ, ସବ୍ ଇନ୍ସପେକ୍ଟର ଅରୂପ ନନ୍ଦ ନାୟକ ଓ ଫତେଗଡ ଥାନାର ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଏସଡିପିଓ ମଲ୍ଲିକ ଓ ଆଇଆଇସି ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ମୋବାଇଲ ଲୁଟ୍ ଅଭିଯୋଗ, ଜଣେ ଗିରଫ

ନୟାଗଡ, ୯।୧୦ (ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ମୋବାଇଲ ଲୁଟ ଅଭିଯୋଗରେ ଭୂତଡିହି ଗାଁର ଅକ୍ରୁର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅକ୍ରୁରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ୭ ତାରିଖ ରାତି ୯ଟାରେ ଇଟାମାଟି ଥାନା ହରିପୁର ଗାଁର ସୂର୍ଯ୍ୟକାନ୍ତ ବରାଡ ଘରକୁ ଫେରୁଥିଲେ। ଭୂତଡିହି ଗାଁ ନିକଟରେ ସୂର୍ଯ୍ୟକାନ୍ତଙ୍କୁ ଧକ୍କା ମାରି ଅକ୍ରୁର ଫୋନ ଲୁଟି ନେଇଥିଲେ। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୨୧୪/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ଲୁଟ୍ ମୋବାଇଲ ଜବତ ହୋଇଛି।

### ସେବା କାର୍ଯ୍ୟ ଉଦ୍‌ଯାପିତ

ଦଶପଲ୍ଲା, ୯।୧୦ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଆର୍‌ଆର୍‌ଏସ୍‌ଏମ୍ ସଂଘ ପକ୍ଷରୁ ଚାଲିଥିବା ସେବା କାର୍ଯ୍ୟ ସୋମବାର ଉଦ୍‌ଯାପିତ ହୋଇଛି। ୭ଦିନ ବ୍ୟାପୀ ଏହି ସେବା କାର୍ଯ୍ୟରେ ବିଭିନ୍ନ ମନ୍ଦିର, ପୋଖରୀ ସଫେଇ କରାଯିବା ସହ ଚାରା ରୋପଣ କରାଯାଇଥିଲା। ମାନସ ସାହୁଙ୍କ ନେତୃତ୍ୱରେ ସଂଘର ବହୁ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

## ୧୫୧ ଅଭିଯୋଗ ପଞ୍ଜୀକୃତ, ୬୮ ତତ୍କାଳ ସମାଧାନ

ଓଡ଼ଗାଁ, ୯।୧୦ (ଆଦର୍ଶ କୁମାର ପଟ୍ଟନାୟକ)




ଓଡ଼ଗାଁରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପରିସରରେ ସୋମବାର ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୧୫୧ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବ୍ୟକ୍ତିଗତ ଆବାସ, ରାଶନ କାର୍ଡ ଆଦି ସମ୍ବନ୍ଧୀୟ ୮୧, ସାମୂହିକ ଗ୍ରାମ ସମସ୍ୟା ୯, ସିଏମ୍‌ଆର୍‌ଏଫ୍ ୫୬, ରେଡକ୍ରସ ୫ ଭଳି ଅଭିଯୋଗ ରହିଥିଲା। ଏହି ମଧ୍ୟରୁ ୬୮ ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗକୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲାପାଳ ସୁପାରିଶ କରିଥିବା ଜଣାଯାଇଛି। ହେଲେ ସାମୂହିକ ଅଭିଯୋଗ ମଧ୍ୟରେ ଓଡ଼ଗାଁରେ ସବ୍‌ରେଜେରୀ ଅଫିସ ପ୍ରତିଷ୍ଠା ନିମନ୍ତେ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିବାବେଳେ ଏ ନେଇ ପୁନଃ ଦାବି ଉପସ୍ଥାପନ କରାଯାଇଛି। ଆଞ୍ଚଳିକ ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁଙ୍କୁ ସହ ଅନ୍ୟମାନେ ଏହି ଦାବି ସହ ସ୍ଥାନୀୟ ରାଧାକାନ୍ତ ମଠ ସମ୍ପତ୍ତି ଆକଳନ, ଅଡିଟ ସହ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶାନୁସାରେ ତହସିଲଦାର ଟ୍ରଷ୍ଟି ଦାୟିତ୍ୱ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସେହିପରି ବର୍ଷବର୍ଷ ଧରି କୁରାଳ ସୋସାଇଟିରେ ଲୋକେ ଜମା କରିଥିବା ପ୍ରାୟ ୮କୋଟି ଟଙ୍କା ଫେରି ପାଇବାକୁ କୁରାଳ ଗ୍ରାମର ଜମାକାରୀମାନେ ଅଭିଯୋଗ କରିଥିଲେ। ଏତଦ୍ ବ୍ୟତୀତ କଟରାଝରୀ ଗ୍ରାମାବାସୀ ତାଙ୍କ ଗ୍ରାମ ଓ ଘର ଉପର ଦେଇ ଟଣା ଯାଇଥିବା ୩୩ କେଭି ବିଦ୍ୟୁତ ଲାଇନ ଅପସାରଣ, ଗୋଡିପଡ଼ା ଗ୍ରାମବାସୀ ପ୍ରାଣୀ ଚିକିତ୍ସାଳୟ ନିମନ୍ତେ ସ୍ଥାନ ଓ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା, ଟ୍ରାନ୍ସଫର୍ମର ଶକ୍ତି ବୃଦ୍ଧି କରିବାକୁ ଦାବି କରିଥିବା ଜଣାଯାଇଛି। ସେହିପରି ସ୍ଥାନୀୟ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ବରିଷ୍ଠ କିରାଣିଙ୍କ ଅନିୟମିତତା କାର୍ଯ୍ୟ ସମ୍ପର୍କରେ ଆଇନଜୀବୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କୁ ଶୁଣାଣି ଶିବିରରେ ଅତିରିକ୍ତ ଏସ୍‌ପି ସନାତନ କାଲୁ, ଆଦର୍ଶ ଥାନା ଆଇଆଇସି ରଶ୍ମୀରଞ୍ଜନ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ, ଟାଟା ପାୱାର ସହପରିଚାଳକ ବିନୋଦ କୁମାର ମହାରଣା, କ୍ଷୁଦ୍ର ଜଳସେଚନ ସହକାରୀ ଯନ୍ତ୍ରୀ କମ୍ପାନୀ ବେହେରା, ପିଏଚ, ପୂର୍ତ୍ତ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜିଲାପାଳଙ୍କୁ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ପାଇଁ ପ୍ରସ୍ତୁତି ବୈଠକ

ନୟାଗଡ଼, ୯।୧୦ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ପାଇଁ ପ୍ରସ୍ତୁତି ବୈଠକ ନୟାଗଡ଼ ବ୍ଲକ ଅନ୍ତର୍ଗତ ବାଉଁଶିଆପଡ଼ା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ଶିକ୍ଷକ ସଙ୍ଗଠନର ନେତୃମଣ୍ଡଳୀ ଉପସ୍ଥିତ ରହି ଶିଶୁ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିପାଇଁ ହେବାକୁ ଥିବା ସଭା ଏବଂ ପୁରସ୍କାର ବିତରଣ ଉତ୍ସବରେ କିଏ ଅତିଥିଭାବେ ଯୋଗ ଦେବେ ସେ ନେଇ ନିଷ୍ପତ୍ତି ହୋଇଛି। ନୟାଗଡ଼ ବ୍ଲକ ଅନ୍ତର୍ଗତ ୧୫ଟି କ୍ଲଷ୍ଟରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କ କୃତିତ୍ୱ ପ୍ରଦର୍ଶନ କରିବେ। ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାମାନେ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟସ୍ତରକୁ ମନୋନୀତ ହେବେ। ପ୍ରସ୍ତୁତି ବୈଠକରେ ସ୍ଥାନୀୟ ସରପଞ୍ଚ ଦେବୀ ପ୍ରସାଦ ସାମନ୍ତରାୟ, ସମିତିସଭ୍ୟ ବେଣୁଧର ମଣ୍ଡଳ, ପରିଚାଳନା କମିଟି ସଭାପତି ଗୁରୁପ୍ରସାଦ ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଞ୍ଜୟ କୁମାର ମଲ୍ଲିକ ଏବଂ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଂରକ୍ଷିତ ଜଙ୍ଗଲରୁ ପଥର, ବାଉଁଶ ବୋଝେଇ ୨ ଟ୍ରାକ୍ଟର ଜବତ

ଓଡଗାଁ, ୯।୧୦ (ଆଦର୍ଶ କୁମାର ପଟ୍ଟନାୟକ)



ସୋମବାର ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାହାଡାଖୋଲା ସେକ୍ସନ ନାରୀଅମ୍ବା ସଂରକ୍ଷିତ ଜଙ୍ଗଲ ଓ ଓଡ଼ଗାଁ ସେକ୍ସନ ଚେମିଡ଼ି ଜଙ୍ଗଲରୁ ବନ ବିଭାଗ ୨ଟି ଟ୍ରାକ୍ଟର ଜବତ କରିଛି। ବେଆଇନ ଭାବେ ଢୀମା ପଥର ଚାଲାଣ କରୁଥିବା ବେଳେ ନରିଆମ୍ବାର ଟ୍ରାକ୍ଟର ନଂ. ଓଆର ୨୫ସି ୫୭୭୯ ଓ ଚେମିଡ଼ି ନିକଟରୁ ବାଉଁଶ ବୋଝେଇ ଟ୍ରାକ୍ଟର ନଂ. ଓଡି ୨୫ଡି ୭୮୯୧ ବିଶିଷ୍ଟ ଟ୍ରାକ୍ଟର ବିଭାଗୀୟ କର୍ମଚାରୀ ଜବତ କରିଛନ୍ତି। ଏସବୁ ଟ୍ରାକ୍ଟର ଚାଳକ ଓ ସହଯୋଗୀ ବନ କର୍ମଚାରୀଙ୍କୁ ଦେଖି ଗାଡି ଛାଡ଼ି ଚାଲିଯିବାରୁ ୫୬ ଧାରାରେ ଗାଡି ଜବତ କରିବା ସହ ୨ଟି ମାମଲା ରୁଜୁ କରାଯାଇଥିବା ରେଞ୍ଜର ନିଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି।

# ୨୦ ଗାଡ଼ି ଚାଳକ ଗିରଫ | ମଦ୍ୟପାନ କରି ଗାଡ଼ି ଚଳାଉଥିଲେ

ଛତ୍ରପୁର, ୯।୧୦ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରପଗଡ ଜାରି ରହିଛି । ରବିବାର ରାତିରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିଲା। ମଦ୍ୟପାନ କରି ଗାଡି ଚଳାଉଥିବା ୨୦ ଜଣ ଗାଡି ଚାଳକ ଯାଞ୍ଚ ବେଳେ ଧରାପଡିଥିଲେ। ସମ୍ପୃକ୍ତ ୨୦ ଜଣଙ୍କୁ ବିଭିନ୍ନ ଥାନା ପୋଲିସ ପକ୍ଷରୁ ଗିରଫ କରାଯିବା ସହ ସେମାନଙ୍କ ଗାଡିକୁ ଜବତ କରାଯାଇଥିବା ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୋରଡା, ଧରାକୋଟ, ଜଗନ୍ନାଥପ୍ରସାଦ, ଶେରଗଡ, ବୁଗୁଡା, ଗାଙ୍ଗପୁର, ଭଞ୍ଜନଗର, ରମ୍ଭା, ଛତ୍ରପୁର ଓ ଖଲ୍ଲିକୋଟ ଥାନା ପୋଲିସକୁ ଏହି ସଫଳତା ମିଳିଛି ।

### ବାର୍‌ହା ମାଂସ ଜବତ, ଶିକାରୀ ଗିରଫ

ଧରାକୋଟ/ଆସିକା, ୯।୧୦

(ବିଷ୍ଣୁ କେଶରୀ ଆଚାର୍ଯ୍ୟ/ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳ ଅଧୀନରେ ଥିବା ଧରାକୋଟ ବନକ୍ଷେତ୍ରରୁ ବାର୍‌ହା ମାଂସ ବିକ୍ରି କରିବା ଅଭିଯୋଗରେ ସୋମବାର ଶିକାରୀଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ ପଳାଉପଲ୍ଲୀ ଗ୍ରାମର ଟୁନା ନାୟକ। ତାଙ୍କଠାରୁ ୫ କେଜି କଟା ମାଂସ ବନବିଭାଗ ଜବତ କରିଛି । ଶିକାରୀ ଜଣଙ୍କ ନିକଟସ୍ଥ ସୁଲିଆ ଗୁଡା ପାହାଡ଼ ନିକଟବର୍ତ୍ତୀ ବୁଦ୍ଧୁବୁଦ୍ଧୁଆ ଜଙ୍ଗଲରୁ ବାର୍‌ହା ଶିକାର କରି ମାଂସ ବିକ୍ରି ପାଇଁ ବସିଥିଲେ। ଧରାକୋଟ ଫରେଷ୍ଟର ଅକ୍ଷୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ ଜାର୍ନିଲି ଛକ ନିକଟରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଟୁନାଙ୍କୁ ଗିରଫ କରିଥିବା ବେଳେ ତା’ଠାରୁ ସଦ୍ୟ କଟାଯାଇଥିବା ମାଂସ ମଧ୍ୟ ଜବତ କରିଥିଲେ । ଆସିକା ରେଞ୍ଜ କେସ ନଂ. ୧୨୦/୨୩–୨୪ରେ ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଧରାକୋଟ ବନକ୍ଷେତ୍ରର କର୍ମଚାରୀ ଟୁମୁକି ନାହାକ, ପ୍ରଦୀପ କୁମାର ପରିଛା, ରାକେଶ ପରିଡା, ଶିବ ଶଙ୍କର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପବନ୍ଧୁଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ନୟାଗଡ଼/ଖଣ୍ଡପଡ଼ା, ୯।୧୦

(ଲୋକନାଥ ମିଶ୍ର/ ଅଜୟ ମକୁମାର ମହାରଣା)




ନୟାଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ଓଡ଼ିଶାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ନୟାଗଡ଼ ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ କରିଥିଲେ। ପରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଗୁରୁମାଗୁରୁଜୀମାନଙ୍କୁ ନେଇ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୋପବନ୍ଧୁ ଜୟନ୍ତୀ ପାଳନ ଅବସରରେ ବରିଷ୍ଠ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ମା’ଶାରଦାଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ କରି ଆଶିଷ ଭିକ୍ଷା କରିଥିଲେ। ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁଙ୍କ ସମେତ ଅନ୍ୟ ୪ଟି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆଚାର୍ଯ୍ୟ ସ୍ୱପ୍ନା ପଟ୍ଟନାୟକ ଦୁଃଖୀ ଦରିଦ୍ରଙ୍କ ଦରଦୀ ବନ୍ଧୁ ଗୋପବନ୍ଧୁଙ୍କ ବାଲ୍ୟଜୀବନ, ଶିକ୍ଷାର୍ଥୀ ଜୀବନ, କର୍ମମୟ ଜୀବନ, ଗୁରୁଭକ୍ତି, ସାହିତ୍ୟ ସାଧନା, ସ୍ୱାଧୀନତା ସଂଗ୍ରାମୀ ଜୀବନ ସମ୍ପର୍କରେ ଶିଶୁ ଭାଇଭଉଣୀମାନଙ୍କୁ ସାରଗର୍ଭକ ଉଦବୋଧନ ଦେଇଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଗୁରୁମାଗୁରୁଜୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

ସେହିପରି ଶରଣକୁଳର ସହଯୋଗ ପକ୍ଷରୁ ସ୍ଥାନୀୟ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ସଭା ଗୃହରେ ଶିକ୍ଷା ଓ ସମାଜ ସଂସ୍କାରକ, ସୁସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ନବ ଉତ୍କଳର ନିର୍ମାତା ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଜୟକୃଷ୍ଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଶିକ୍ଷାବିତ କିଶୋର ଚନ୍ଦ୍ର କର, ସହଯୋଗ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ବିଦ୍ୟାଳୟର ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ, ଶିକ୍ଷୟିତ୍ରୀ ସବିତା ସାହୁ, ଦିଲୀପ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପବନ୍ଧୁଙ୍କର ଓଡ଼ିଶା ମାଟି ପ୍ରତି ଅବଦାନ, ନିଃସ୍ୱାର୍ଥପର ଜନସେବା ତଥା ସାହିତ୍ୟ ସୃଷ୍ଟି ଉପରେ ଅତିଥିମାନେ ଆଲୋକପାତ କରିଥିଲେ।

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଖଣ୍ଡପଡ଼ା ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ମିଶ୍ର, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବିଶ୍ୱାଳ, ବିଷ୍ଣୁପ୍ରିୟା ସାହୁ, ଗାୟତ୍ରୀ ପ୍ରଧାନ, ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା, ନାରାୟଣ ତ୍ରିପାଠୀ, ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର ସଭାପତି ମହେନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଷ୍ଟମ ଶ୍ରେଣୀର ଛାତ୍ର ଲେମ୍ବ ଚରଣ ହାଁସଦା(ପ୍ରଥମ), ସପ୍ତମ ଶ୍ରେଣୀର ଛାତ୍ରୀ ସଙ୍ଗୀତା ପ୍ରଧାନ (୨ୟ), ଛାତ୍ର ଚୈତନ୍ୟ ହାଁସଦା(୩ୟ) ସ୍ଥାନରେ ରହି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଶୃଙ୍ଖଳିତ ଛାତ୍ରୀଛାତ୍ର ଭାବେ ରନୋଜ କୁସୁଲିଆ, ମାମୁନୀ ମାଝି ଓ ଭିନ୍ନକ୍ଷମ ଛାତ୍ର ଅମିତ ମାଝିଙ୍କୁ ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଖବରଦାତା ଭବାନୀ ଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସେହିପରି କଣ୍ଟିଲୋ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟ ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ସାହୁ, ସହକାରୀ ଶିକ୍ଷୟିତ୍ରୀ ମାନସୀ ମହାରଣା, ରେଖାରାଣୀ ସେଠୀ ଓ ପ୍ରେମଲତା ବହେରୁକ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନଙ୍କୁ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତକରି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

# ୩ୟ ଶ୍ରେଣୀରୁ ଡ୍ରପ୍‌ଆଉଟ୍ ସଂଖ୍ୟା ବଢୁଛି

**ଯାଜପୁର ଜିଲା ୟୁଡିଆଇଏସ୍‌ଇ ପ୍ଲସ ରିପୋର୍ଟରେ ସ୍ପଷ୍ଟ**

■ ୨୩.୩୨% ପିଲା ୧୦ମ ଶ୍ରେଣୀ ପରେ ଡ୍ରପ୍‌ଆଉଟ୍

ଯାଜପୁର,୯।୧୦(ହର୍ଷବର୍ଦ୍ଧନ ବେହେରା)


ସ୍କୁଲକୁ ନ ଯାଇ ଜରି, ବୋତଲ ଗୋଟାଉଛନ୍ତି ପିଲା।

ବହୁଳ ପ୍ରସାରିତ ସର୍ବଶିକ୍ଷା ଅଭିଯାନ ଯାଜପୁର ଜିଲାରେ ଛାତ୍ରୀଛାତ୍ରଙ୍କୁ ସ୍କୁଲରେ ରଖିବାରେ ସେତେଟା ସଫଳ ହୋଇ ନ ଥିବା ପ୍ରତୀୟମାନ ହୋଇଛି। ପ୍ରତିବର୍ଷ ୩ୟରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିବାରେ ଲାଗିଛି। ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନଫରମେଶନ ସିଷ୍ଟମ୍ ଫର୍ ଏଜୁକେଶନ (ୟୁଡିଆଇଏସ୍‌ଇ) ପ୍ଲସ ରିପୋର୍ଟ ଅନୁଯାୟୀ ୨୦୨୧-୨୨ରେ ୨ୟ ଶ୍ରେଣୀରେ ନାମ ଲେଖାଇଥିବା ୩୧,୮୩୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୨୨-୨୩ରେ ୦.୬୩% ଅର୍ଥାତ ୨୦୨ ଜଣ ୩ୟ ଶ୍ରେଣୀରେ ଡ୍ରପ୍‌ଆଉଟ୍ ରହିଛନ୍ତି। ଏହିକ୍ରମରେ ୧୦ମ ଶ୍ରେଣୀ ପରେ ସର୍ବାଧିକ ୨୩.୩୨ ପ୍ରତିଶତ ଅର୍ଥାତ ୬୫୬୯ ଛାତ୍ରୀଛାତ୍ର ଡ୍ରପ୍‌ଆଉଟ୍ ହୋଇଛନ୍ତି।

ରିପୋର୍ଟ ଅନୁଯାୟୀ, ୨୦୨୧-୨୨ରେ ୧୦ମ ଶ୍ରେଣୀରେ ୨୮,୨୦୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୨୨-୨୩ରେ ଯୁକ୍ତ୨ ପ୍ରଥମ ବର୍ଷ ଅର୍ଥାତ୍ ଏକାଦଶ ଶ୍ରେଣୀରେ ୨୧,୬୨୫ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ୩ୟ ଶ୍ରେଣୀରୁ ଡ୍ରପ୍‌ଆଉଟ୍ ଆରମ୍ଭ ହେବାପରେ ପିଲାମାନେ ପରିବାରର ରୋଜଗାର ପନ୍ଥାରେ ନିୟୋଜିତ ହୋଇଯାଉଛନ୍ତି। ଅନେକେ ଦେଶୀ ମଦଦୋକାନ, ଚାଷକାର୍ଯ୍ୟ, ହୋଟେଲ, ଗ୍ୟାରେଜ ଇତ୍ୟାଦି ସ୍ଥାନରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। କେଉଁ କାରଣରୁ ଏହି ଛାତ୍ରୀଛାତ୍ରମାନେ ଡ୍ରପ୍‌ଆଉଟ୍ ରହିଛନ୍ତି ତାହାର କାରଣଗୁଡ଼ିକ ଖୋଜି ବାହାର କରି ପ୍ରତିକାର ବ୍ୟବସ୍ଥା କରା ନ ଗଲେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ପରିସରକୁ ଆଣିବା ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବୋଲି ମତପ୍ରକାଶ ପାଇଛି।

ୟୁଡିଆଇଏସ୍‌ଇ ପ୍ଲସ ରିପୋର୍ଟ ଅନୁଯାୟୀ, ୧୦ମ ଶ୍ରେଣୀ ପରେ ଜିଲାର ଶିଳ୍ପ ସମୃଦ୍ଧ ଦାନଗଦି ବ୍ଲକରେ ସର୍ବାଧିକ ୧୫୬୩ ପିଲା ଡ୍ରପ୍‌ଆଉଟ୍ ହୋଇଛନ୍ତି। ଏହାପରେ ଧର୍ମଶାଳାରେ ୧୧୯୭, ଖଣି ଅଞ୍ଚଳ ସୁକିନ୍ଦାରେ ୮୬୫ ପିଲା ପରବର୍ତ୍ତୀ ଶିକ୍ଷା ପ୍ରତି ଆଗ୍ରହ ଦେଖାଇ ନାହାନ୍ତି। ଅନ୍ୟପକ୍ଷେ ଜିଲାର ୧୦ ବ୍ଲକରେ ୩ୟ ଶ୍ରେଣୀ ପରେ ୫୬୭, ୪ର୍ଥ ଶ୍ରେଣୀ ପରେ ୪୪୩, ୫ମ ଶ୍ରେଣୀ ପରେ ୭୭୨, ୬ଷ୍ଠ ଶ୍ରେଣୀ ପରେ ୭୧୫, ୭ମ ଶ୍ରେଣୀ ପରେ ୯୯୧, ୮ମ ଶ୍ରେଣୀ ପରେ ୧୩୭୧, ୯ମ ଶ୍ରେଣୀ ପରେ ୨୨୦୭ ଛାତ୍ରୀଛାତ୍ର ଡ୍ରପ୍‌ଆଉଟ୍ ହୋଇଛନ୍ତି। ଏହି ପରିସଂଖ୍ୟାନ ରିପୋର୍ଟରେ ଦର୍ଶାଯାଇଥିବାବେଳେ ବାସ୍ତବରେ ଏହାର ବହୁଗୁଣ ଅଧିକ ପିଲା ନାମ ଲେଖାଇଥିଲେ ସୁଦ୍ଧା ସ୍କୁଲକୁ ନ ଯାଇ ବିଭିନ୍ନ ସ୍ଥାନରେ ଶିଶୁଶ୍ରମିକ ଭାବେ ନିୟୋଜିତ ଥିବା ଦେଖିବାକୁ ମିଳୁଛି। ଦାରିଦ୍ର୍ୟ ଏବଂ ପିଲାଙ୍କ ପାଠପଢ଼ା ପ୍ରତି ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଆଗ୍ରହ ଜନ୍ମାଇବା ଦିଗରେ ସମଗ୍ର ଶିକ୍ଷାର ବିଫଳତା ଡ୍ରପ୍‌ଆଉଟ୍‌ର ପ୍ରମୁଖ କାରଣ ବୋଲି କୁହାଯାଉଛି। ସେହିପରି ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ, ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜନ, ଜଣେ ମାତ୍ର ଶିକ୍ଷକ ଥିବା ସ୍କୁଲ ବାରମ୍ବାର ବନ୍ଦ ରହିବା, ସ୍କୁଲକୁ ଉପଯୁକ୍ତ ଗମନାଗମନ ଅଭାବ ମଧ୍ୟ ଡ୍ରପ୍‌ଆଉଟ୍‌ର ଅନ୍ୟ କାରଣ ହୋଇପାରେ।

ଜିଲାର ୨୪୯ ହାଇସ୍କୁଲର ରୂପାନ୍ତରୀକରଣ କରାଯାଇ ୧୬୮ କୋଟି ୬୪ ଲକ୍ଷ ୪୪ ହଜାର ୪୩୦ ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ ଦ୍ୱିତୀୟ ପର୍ଯ୍ୟାୟରେ ୯୭ଟି ହାଇସ୍କୁଲରେ ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ତଥାପି ହାଇସ୍କୁଲଗୁଡ଼ିକରେ ଡ୍ରପ୍‌ଆଉଟ୍ ହେବା ଶିକ୍ଷା ବିଭାଗର ଅପାରଗତାକୁ ସ୍ପଷ୍ଟ କରୁଛି ବୋଲି ମତପ୍ରକାଶ ପାଇଛି। ଏହାବାଦ ଫେକ୍ ଏନରୋଲମେଣ୍ଟ ବା ଛାତ୍ରୀଛାତ୍ର ନ ଥାଇ କେବଳ କାଗଜପତ୍ରରେ ସେମାନଙ୍କ ନାମ ଲେଖାଇ ମଧ୍ୟାହ୍ନ ଭୋଜନ ସାମଗ୍ରୀ ହଡ଼ପ ପାଇଁ ଏଭଳି କରାଯାଉଥିବା କେତେଜଣ ସନ୍ଦେହ କରୁଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ବ୍ଲକ ଶିକ୍ଷାଧିକାରୀମାନଙ୍କୁ ୟୁଡିଆଇଏସ୍‌ଇ ପ୍ଲସ ରିପୋର୍ଟକୁ ଗୁରୁତ୍ୱ ଦେବାକୁ କହିବା ସହ ପୋର୍ଟାଲରେ ଯେପରି ନକଲି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦାଖଲ ନ ଥିବ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଡ୍ରପ୍‌ଆଉଟ୍ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ୍


@ ଆଶିଷ


@ ବାଣାପାଣି


@ ସାବତ


@ ସତ୍ୟସୁନ୍ଦର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦ୍ୱୀପାଞ୍ଚଳ ଗାଁକୁ ଯାଇ ସମସ୍ୟା ବୁଝିଲେ ଜିଲାପାଳ


ଜିଲାପାଳ ଅମୃତ ଋତୁରାଜ ଓ ଅନ୍ୟ ଅଧିକାରୀ ଲୋକଙ୍କ ସମସ୍ୟା ପଚାରି ବୁଝୁଛନ୍ତି।

ରାଜକନିକା,୯।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତର ଦ୍ୱୀପାଞ୍ଚଳ ଗ୍ରାମ ଭାବେ ପରିଚିତ ଗଙ୍ଗାଧର ପ୍ରସାଦ ଡିଆ। ଚତୁଃପାର୍ଶ୍ୱ ପ୍ରବାହିତ ଖରସ୍ରୋତା ନଦୀ ଓ ମଝିରେ ଜନବସତିପୂର୍ଣ୍ଣ ଗାଁ । ଗାଁରେ ବସବାସ କରନ୍ତି ୧୫୦ରୁ ଊର୍ଦ୍ଧ୍ୱ ପରିବାରର ୧୫ଶହ ଲୋକ। ହାଉଯାଉ କୁମ୍ଭୀର ପୂର୍ଣ୍ଣ ନଦୀରେ ପ୍ରତିଦିନ ବିପଦପୂର୍ଣ୍ଣ ଭାବେ ଡଙ୍ଗା, ଡୁଙ୍ଗି ସହାଯ୍ୟରେ ନଦୀ ପାର ହୋଇ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସହ ଗାଁର ଲୋକମାନେ ଯାଆନ୍ତି। ଗାଁରୁ ଆନୁମାନିକ ୧୦ରୁ ୧୧ କିମି ଦୂର ରାଜକନିକା ସଦରରେ ଥିବା ବ୍ଲକ, ତହସିଲ, ଥାନା, ଡାକ୍ତରଖାନା ତଥା ଅନ୍ୟ କାର୍ଯ୍ୟ ପାଇଁ ଆସିଥାନ୍ତି। ଏମିତିକି ରାତି ଅଧରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ମଧ୍ୟ ନଦୀ ପାର ହେବାକୁ ପଡିଥାଏ। ହେଲେ ଦୀର୍ଘବର୍ଷ ହେବ ଗ୍ରାମବାସୀଙ୍କ ଗୋଟିଏ ଦାବି ନଦୀରେ ଏକ ପୋଲ ନିର୍ମାଣ କରାଯାଉ। ଏହି ଗାଁର ଲୋକମାନଙ୍କ ସମସ୍ୟା ବୁଝିବା ପାଇଁ ସୋମବାର ଅପରାହ୍ନରେ ଡ଼ଙ୍ଗା ସାହାଯ୍ୟରେ ନଦୀ ପାର ହୋଇ ଜିଲାପାଳ ଅମୃତ ଋତୁରାଜ ପହଞ୍ଚିବା ପରେ ଲୋକମାନେ ଖୁସି ହୋଇଯାଇଥିଲେ। ସ୍କୁଲ ଘରେ ଗାଁ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଶୁଣିବା ସହ ଆଲୋଚନା କରିଥିଲେ। ଗାଁର ଲୋକେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ ଯେ, ଆମର ଦୀର୍ଘବର୍ଷର ଦାବି ନଦୀ ଉପରେ ପୋଲ ନିର୍ମାଣ କରି ଆମ ଛୁଆପିଲାଙ୍କୁ ସାହା ହୁଅନ୍ତୁ। ଏଥିସହ ସ୍କୁଲର ଶିକ୍ଷକ ଅଭାବ, ରାସ୍ତା ଘାଟର ସମସ୍ୟା ରହିଛି। ଖୁବ୍‌ଶୀଘ୍ର ସର୍ଭେ ଟିମ୍ ପଠାଇବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଓ ବିଡିଓ ରବିନାରାୟଣ ଆଚାର୍ଯ୍ୟ ଜିଲାପାଳଙ୍କ ସହ ଉପସ୍ଥିତ ଥିଲେ। କିଛିଦିନ ପୂର୍ବେ ଗଣମାଧ୍ୟମରେ ଗ୍ରାମବାସୀ ଭୋଟ ବର୍ଜନ କରିବା କହିଥିଲେ। ଅନ୍ୟପକ୍ଷରେ ଏହି ଠାରେ ପୋଲ ନିର୍ମାଣ ହେଲେ ୧୫୦ ପରିବାର ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

# ୫ ଦିନର କନ୍ୟା ସନ୍ତାନକୁ ତଣ୍ଟି ଚିପି ହତ୍ୟା କଲେ ମାଆ

**ନିଶାସକ୍ତ ସ୍ୱାମୀଙ୍କ ନିର୍ଯାତନା ଅସହ୍ୟ ହେଲା**

କଳିଙ୍ଗନଗର,୯।୧୦(ଶୁଭାଶିଷ ରାଉତ)

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ କିଆଝର ପଞ୍ଚାୟତର ଚମ୍ପାଝର ଗ୍ରାମରେ ସୋମବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ନିଜର ୫ ଦିନର କନ୍ୟା ସନ୍ତାନକୁ ତଣ୍ଟି ଚିପି ହତ୍ୟା କରି ନାଳରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଯାଜପୁର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ଅଭାବ ଅନଟନ ଏବଂ ସ୍ୱାମୀ ମଦ ପିଇ ପ୍ରତ୍ୟହ ମାନସିକ ଓ ଶାରୀରିକ ନିର୍ଯାତନ ଦେଉଥିବା କାରଣରୁ ମହିଳା ଜଣକ ଏଭଳି ପଦକ୍ଷେପ ନେଇଥିବା ସେହି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଚମ୍ପାଝର ଗ୍ରାମର ରାଜେନ୍ଦ୍ର ମହାନ୍ତଙ୍କୁ ରୀତା ମହାନ୍ତ ପ୍ରାୟ ୩ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ଦେଢ଼ବର୍ଷର ପୁଅ ଅଛି। ସ୍ୱାମୀ ଅଧିକାଂଶ ସମୟରେ ମଦ ପିଇ ଘରକୁ ଫେରନ୍ତି । କୌଣସି କାରଣ ନ ଥାଇ ସେ ରୀତା ଓ ପୁଅକୁ ମାରପିଟ୍ କରନ୍ତି । ଏହାକୁ ନେଇ ତାଙ୍କ ପରିବାରରେ ଝଗଡ଼ା ଲାଗୁଥିଲା । ୫ ଦିନ ତଳେ ରୀତା ପୁଣି ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଝିଅ ଜନ୍ମକୁ ନେଇ ରାଜେନ୍ଦ୍ର ଅସନ୍ତୁଷ୍ଟ ହୋଇ ରୀତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏପରି ଘଟଣାରେ ଅସୁସ୍ଥ ଥିବା ରୀତା ମାନସିକ ଭାବେ ଭାଙ୍ଗି ପଡିଥିଲେ । କୌଣସି ଉପାୟ ନ ପାଇ ସେ ନିଜର ୫ ଦିନର କନ୍ୟା ସନ୍ତାନକୁ ତଣ୍ଟି ଚିପି ହତ୍ୟା କରିବା ପରେ ଗାଁ ନିକଟରେ ଥିବା ନାଳରେ ଫିଙ୍ଗି ଦେଇଥିଲେ। ଏହି ଘଟଣା କେତେଜଣ ଗାଁ ଲୋକ ଦେଖି ଟମକା ଥାନାକୁ ଖବର ଦେଇଥିଲେ। ଖବର ପାଇ ଟମକା ଥାନା ଅଧିକାରୀ ରଞ୍ଜନ କୁମାର ମଲିକ ପହଞ୍ଚି ଶିଶୁ କନ୍ୟାର ମୃତଦେହକୁ ଜବତ କରିବା ସହ ରୀତାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ମଲିକ କହିଛନ୍ତି ତଦନ୍ତ ଚାଲିଛି, ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ।

# ଶିକ୍ଷକଙ୍କ ଘରେ ଦିନଦ୍ୱିପ୍ରହରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

କଳିଙ୍ଗନଗର,୯।୧୦(ଶୁଭାଶିଷ ରାଉତ)

ଟମକା ଥାନା ଅନ୍ତର୍ଗତ ବାଙ୍ଗରକୋଟା ପଞ୍ଚାୟତ ଡାହାଣୀଗଡିଆ ଗାଁ ସରକାରୀ ଶିକ୍ଷକ ଧର୍ମେଜୟ ରାଉତଙ୍କ ଘରୁ ସୋମବାର ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଦିନଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଟମକା ପୋଲିସ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରୁଛି। ସୂଚନା ମୁତାବକ, ଡାହାଣୀଗଡିଆ ଗାଁର ଧର୍ମେଜୟ ରାଉତ ଓ ତାଙ୍କ ସ୍ତ୍ରୀ ସରକାରୀ ଶିକ୍ଷକ,ଶିକ୍ଷୟିତ୍ରୀ ଭାବେ କାମ କରନ୍ତି। ସକାଳ ୧୦ ଟାରେ ଉଭୟେ ବିଦ୍ୟାଳୟକୁ ଚାଲି ଯାଇଥିଲେ। ସବୁଦିନ ଭଳି ସୋମବାର ଘରେ ଛୋଟ ପୁଅକୁ ଏକାକୀ ଛାଡ଼ିଦେଇ ବାହାର ପଟୁ ଗେଟରେ ତାଲା ପକାଇଥିଲେ। ଦିନ ସାଢ଼େ ୧୨ଟାରେ ଧର୍ମେଜୟଙ୍କ ଶାଳକ ସ୍ମୃତିରଞ୍ଜନ ବଳ ପୁଅକୁ ଜଗିବା ପାଇଁ ଯାଇ ଦେଖିନ୍ତି ତ ଘରର ଗେଟ ତାଲା ଭଙ୍ଗା ଯାଇଛି । ଆଲମିରା ସବୁ ଖୋଲା ପଡ଼ିଛି। ସେ ଏନେଇ ଭିଣୋଇ ଧର୍ମେଜୟଙ୍କୁ ଫୋନ କରି ଜଣାଇଥିଲେ। ଧର୍ମେଜୟ ଘରେ ପହଞ୍ଚି ୨ଟି ଆଲମିରା ଖୋଲା ପଡ଼ିଛି। ସେଥିରେ ଥିବା ନଗଦ ୮୨ ହଜାର ଟଙ୍କା ଓ ୧୮ ଲକ୍ଷ ଟଙ୍କାର ସୁନା ଗହଣା ସବୁ ଚୋରି ହୋଇଯାଇଛି । ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଜାରି ରଖିଛି ।

# ୩୦ ବର୍ଷ ପରେ ମନେ ପଡ଼ିଲା ଗାଁ କଥା

ରାଜନଗର, ୯।୧୦
(ଭାସ୍କର ରାଉତରାୟ)


ମହାରାଷ୍ଟ୍ରରୁ ଫେରିଲେ ଦାଦନ ଜାମିନୀ

୩୦ ବର୍ଷ ତଳର ମର୍ମଭେଦୀ ଘଟଣାଟି ଏବେ ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅଭାବ ଅନାଟନ ଭିତରେ ଥିବା ରାଜନଗର ବ୍ଲକ ଅନ୍ତର୍ଗତ ଡୋଲମରା ଗାଁର ଜାମିନୀ ସେଠୀ ପେଟ ପୋଷିବା ପାଇଁ ଗାଁ ଛାଡି ଥିଲେ। ପହଁଛି ଥିଲେ ରାଜସ୍ଥାନରେ। ଦାଦନ ଭାବେ କାମ କରୁଥିଲେ। ସେଠାରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ, ସେବେଠୁଁ ନିଖୋଜ ହୋଇଯାଇଥିଲେ ଦାଦନ ଜାମିନୀ। ବର୍ଷ ବର୍ଷ ଧରି ଜାମିନୀଙ୍କ ଫେରିବା ବାଟକୁ ଅପେକ୍ଷା କରିଥିଲେ ପରିବାର ଲୋକେ। ଦୁର୍ଘଟଣାରେ ବଞ୍ଚିଛନ୍ତି ନାଁ ମରିଛନ୍ତି, ଆଶା ଆଶଙ୍କାରେ ଥିଲେ ପରିବାର। ଜାମିନୀଙ୍କ କୌଣସି ଖୋଜ ଖବର ନ ମିଳିବାରୁ ଆତ୍ମୀୟ ସ୍ୱଜନ ଓ ପରିବାର ୮ ବର୍ଷ ତଳୁ ତାଙ୍କୁ ଶୁଦ୍ଧି ହୋଇ ସାରିଥିଲେ। ବିଧିର ବିଧାନ କିନ୍ତୁ ନିଆରା। ଜାମିନୀ ଏବେ ବି ବଞ୍ଚିଛନ୍ତି। ଦେଶର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଥାନେର ଶ୍ରଦ୍ଧା ଋଇଥାନ ଫାଉଣ୍ଡେଶନ ସଂସ୍ଥା ଜାମିନୀଙ୍କୁ ନିଜ ପାଖରେ ରଖି ମହାରାଷ୍ଟ୍ରର ଏକ ମେଣ୍ଟାଲ ହସ୍ପିଟାଲରେ ଚିକିତ୍ସିତ କରୁଥିଲେ। ସୁସ୍ଥ ହେବା ପରେ ଜାମିନୀ ନିଜ ଗାଁ ଠିକଣା ଦେଇଥିଲେ। ୩୦ ବର୍ଷ ତଳୁ ହଜି ଯାଇଥିବା ହତଭାଗ୍ୟ ଜାମିନୀ ଏବେ ଗାଁରେ ପାଦ ଥାପିଛନ୍ତି। ଜାମିନୀ ଫେରିବା ପରେ ଗାଁ ସାହି ପଡିଶାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ହେଲେ ପରିବାର ପାଇଁ ଆଉ ଏକ ବୋଝ ପାଲଟି ଯାଇଛନ୍ତି ଜାମିନୀ।

ସୂଚନା ମୁତାବକ, ଏହି ବ୍ଲକର ଡୋଲମରା ଗାଁର ପାଣ୍ଡବ ସେଠୀଙ୍କ ସାନପୁଅ ୨୫ ବର୍ଷିୟ ଜାମିନି ୩୦ବର୍ଷ ତଳେ ରାଜସ୍ଥାନକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ସଡକ ଦୁର୍ଘଟଣାର ଶିକାର ହେବାପରେ ନିଜ ଠିକଣା ହଜାଇ ଦେଇଥିଲେ। ରୋଜଗାରିଆ ପୁଅ ହଜିବା ଦୁଃଖରେ ବାପା ପାଣ୍ଡବ ଓ ମା' ସୁବର୍ଣ୍ଣା ଝୁରିଝୁରି ଶେଷରେ ଆଖି ବୁଜି ଦେଇଥିଲେ। ଦୀର୍ଘ ୨୨ବର୍ଷ ଧରି ଖୋଜାଖୋଜି ପରେ ଜାମିନୀଙ୍କ କୌଣସି ଖୋଜ ଖବର ନ ମିଳିବାରୁ ପରିବାର ଲୋକେ ଓ ବନ୍ଧୁ ପରିଜନ ଶୁଦ୍ଧି ହୋଇପଡ଼ିଥିଲେ। ମାତ୍ର ରବିବାର ଅପରାହ୍ନ ହଠାତ୍ ଜାମିନୀ ଗାଁରେ ପାଦ ରଖିଥିଲେ। ଜାମିନୀଙ୍କୁ ଦେଖି ଗାଁର ଲୋକେ ଭାବ ବିହ୍ୱଳ ହୋଇପଡିଥିଲେ। ଘରେ ପାଦ ରଖିବା ପରେ ବାପା, ମାଆଙ୍କୁ ନ ପାଇ ଭୋ ଭୋ ହୋଇ କାନ୍ଦିଥିଲେ। ପରେ ନିଜ ଭାଇ, ଭାଉଜ ଓ ପୁତୁରା ଝିଆରୀଙ୍କୁ ଦେଖି ଖୁସି ହୋଇଥିଲେ। ରବିବାର ମହାରାଷ୍ଟ୍ର ଥାନେର ଶ୍ରଦ୍ଧା ଋଇଥାନ ଫାଉଣ୍ଡେଶନର ୩ଜଣ ସଦସ୍ୟ ଜାମିନୀଙ୍କୁ ସାଙ୍ଗରେ ଆଣି ଡୋଲମରା ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଜିମା ଦେବା ସହ ସେ ଚିକିତ୍ସିତ ହେଉଥିବା ପ୍ରେସକ୍ରିପସନ ଓ ମେଡିସିନ ଦେଇ ଯାଇଛନ୍ତି। ସେମାନଙ୍କ ସୂଚନା ମୁତାବକ, ଜାମିନୀ ମହାରାଷ୍ଟ୍ର ଥାନେର ରିଜିଓନାଲ ମେଣ୍ଟାଲ ହସ୍ପିଟାଲରେ ଚିକିତ୍ସିତ ହେବା ସହ ଶ୍ରଦ୍ଧା ଫାଉଣ୍ଡେଶନରେ ରହୁଥିଲେ। ତାଙ୍କର ପରିବାର ଓ ଘର କଥା କିଛି ମନେ ନ ଥିଲା। ମାସକ ତଳେ ହଠାତ୍ ତାଙ୍କର ଗାଁ, ପରିବାର କଥା ମନେ ପଡ଼ିଥିଲା। ସେ ତାଙ୍କର ପରିଚୟ ଦେବା ସହ ଘରକୁ ଫେରିବାକୁ କହିଥିଲେ। ରବିବାର ଟ୍ରେନରେ ଆସି ଭୁବନେଶ୍ୱରରେ ଓହ୍ଲାଇବା ପରେ ଅଟୋ ଯୋଗେ ଗାଁରେ ଆସି ଅପରାହ୍ନରେ ପହଞ୍ଚି ଥିଲେ।

# ମା'ପଞ୍ଚୁବରାହୀଙ୍କ ପୂଜକ କେବଳ ଦଳିତ ମହିଳା

କେନ୍ଦ୍ରାପଡ଼ା,୯।୧୦(ଜଗନ୍ନାଥ ଧଳ)

ମନ୍ଦିରର ଟ୍ରଷ୍ଟି ଭାବେ ମହିଳାଙ୍କୁ ଦେଖିବାକୁ ମିଳୁଛି। ମହିଳା ପୂଜକ ମନ୍ଦିରରେ ପୂଜା କରିବା ସାଧାରଣରେ ଦେଖିବାକୁ ମିଳେନାହିଁ। ତେବେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାର ପ୍ରସିଦ୍ଧ ପଞ୍ଚୁବରାହୀରେ କେବଳ ଦଳିତ ମହିଳାଙ୍କୁ ପୂଜକ ଭାବେ ସ୍ୱୀକୃତି ମିଳିଥାଏ, ଯାହା ରାଜ୍ୟର ଅନ୍ୟ କେଉଁଠାରେ ଦେଖିବାକୁ ମିଳେନାହିଁ। ପ୍ରାୟ ୫୦୦ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି। କଳା ମୁଗୁନି ପଥରରେ ନିର୍ମିତ ୫ ଦେବୀଙ୍କର ଏହି ପୂଜକଙ୍କୁ ପାଉଣା ଆକାରରେ ସରକାରୀ ପ୍ରୋତ୍ସାହନ ଏବେ ବି ମିଳିନାହିଁ। ସ୍ଥାନୀୟ ଅଞ୍ଚଳର ଶସ୍ୟ, ଫଳମୂଳ ଓ କେତେକ କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସାମାନ୍ୟ ଅର୍ଥ ପାଉଣା ଭାବେ ଗ୍ରହଣ କରାଯାଉଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଶ୍ମିତା ସାହାଣୀ କହିଛନ୍ତି, ମା' ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେଉ ଅଥବା ସୁଖ ଦୁଃଖ ସମୟରେ ଶ୍ରଦ୍ଧାଳୁଙ୍କ ମନକାମନା ପୂର୍ଣ୍ଣ କରିବାରେ ସିଦ୍ଧହସ୍ତା। ପୂଜକ ଭାବେ ଜଣେ ପୁରୁଷଙ୍କୁ ଗୋଟିଏ ଥର ଦାୟିତ୍ୱ ମିଳିଥିଲା। ତେବେ ଏହି ପୁରୁଷ ପୂଜକ ମା'ଙ୍କ ଅଙ୍ଗସୌଷ୍ଠବ ପ୍ରତି ଆକର୍ଷିତ ପରେ ପୁନର୍ବାର ମହିଳା ପୂଜକଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏବେ ୪ ଜଣ ଦଳିତ ମହିଳାଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରାଯାଇଛି। ସେମାନେ ହେଉଛନ୍ତି ସୁଜାତା ଦଳେଇ, ବନଲତା ଦଳେଇ, ରାଣୀ ଦଳେଇ ଓ ସାବିତ୍ରୀ ଦଳେଇ। ଏଠାରେ କେବଳ ବିବାହିତା ମହିଳା ପୂଜକ ଭାବେ ସ୍ୱୀକୃତି ପାଇଥାନ୍ତି। ନିଗମାନନ୍ଦ ରାଉତ କହିଛନ୍ତି, ଗ୍ରାମରେ ଏହି ଦଳିତ ମହିଳା ପୂଜକଙ୍କ ସ୍ୱତନ୍ତ୍ର ସମ୍ମାନ ଅଛି। ତାଙ୍କ ପାଦ ତଳେ ଜୁହାର ହେବା ପରମ୍ପରା ଅଛି। ତେବେ ପୁରୁଷ ଭାବେ ମନ୍ଦିର ମଧ୍ୟକୁ ଯାଇ ମା' ପଞ୍ଚୁବରାହୀଙ୍କୁ ଛୁଇଁବାର ଅଧିକାର ନାହିଁ। ପୂଜକ ପରମ୍ପରା ସମ୍ପର୍କରେ ପୂଜକ ସବିତା ଦଳେଇ କହିଛନ୍ତି, ଶାଶୁ ସୀତା ଦଳେଇ ଏଠାରେ ପୂଜକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଅବର୍ତ୍ତମାନରେ ଏବେ ପୂଜା କାର୍ଯ୍ୟ ଚଳାଇ ଆସୁଛି। ମଙ୍ଗଳବାର ମା'ଙ୍କ ପୂଜାରେ ଶ୍ରଦ୍ଧାଳୁଙ୍କୁ ସାମିଲ କରାଯାଏ ନାହିଁ। ପୁରୁଷ ଶ୍ରଦ୍ଧାଳୁ ମା'ଙ୍କ ପ୍ରତିମୂର୍ତ୍ତିଙ୍କୁ ମନ୍ଦିରର କାନ୍ଥ ମଧ୍ୟରେ ଥିବା ଗଳା ବାଟରେ ଦେଖିବାକୁ ପଡ଼େ। ଦଳିତ ମହିଳା ଭାବେ କୌଣସି ଶ୍ରଦ୍ଧାଳୁ ହତାଦର କରି ନ ଥିବା ସେ ସନ୍ତୋଷର ସହ ମତ ରଖିଛନ୍ତି। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ରାଜ୍ୟରେ ଏହି ମନ୍ଦିର ଏକ ବ୍ୟତିକ୍ରମ। ଦଳିତ ମହିଳା ଏଠାରେ ପୂଜାରୀ ଭାବେ କାର୍ଯ୍ୟ କରନ୍ତି। ତେବେ ଦେଶର ଅଳ୍ପ କେତୋଟି ସ୍ଥାନରେ ମହିଳା ପୂଜକ ଦେଖିବାକୁ ମିଳେ। ନିକଟରେ ତାମିଲନାଡୁର ଶ୍ରୀବୈଷ୍ଣବ ମନ୍ଦିରରେ କ୍ରିଷ୍ଣାବେଣୀ, ଏସ୍. ରାମୟା ଓ ଏନ୍. ରଞ୍ଜିଥାଙ୍କୁ ପୂଜକ ଭାବେ ଗ୍ରହଣ କରାଯାଇଛି। ସେହିପରି କେରଳର ଥିରୁଭାନ୍ତପୁରମର ଅଟ୍ଟୁକାଲ ମନ୍ଦିର, ଚକୁଲାଠୁକାବୁ ମନ୍ଦିର, ତାମିଲନାଡୁର ଭଗବତୀ ମା'ଙ୍କ ମନ୍ଦିର, ବିହାରର ମାତା ମନ୍ଦିର ଆଦିରେ ପୁରୁଷଙ୍କ ପ୍ରବେଶ ନିଷେଧ ଅଛି। ସ୍ଥାନୀୟ ଗାଁର ସୁଦର୍ଶନ ରାଉତ କହିଛନ୍ତି, ସାତଭାୟା ପଞ୍ଚାୟତର ବରାହୀପୁରଠାରେ ମା'ଙ୍କ ମନ୍ଦିର ଥିଲା। ଏଠାରେ ତଟକ୍ଷୟ ପାଇଁ ଦେବୀଙ୍କୁ ସ୍ଥାନାନ୍ତର ଆବଶ୍ୟକ ପଡ଼ିଲା। ସେଠାରୁ ଏହି ପଞ୍ଚାୟତର ୧୨ କି.ମି. ଦୂର ବଗପାଟିଆକୁ ସ୍ଥାନାନ୍ତର ବେଳେ ମା'ଙ୍କୁ ସାମୟିକ ଭାବେ ପୁରୁଷମାନେ ଛୁଇଁ ଆଣିବା ପାଇଁ ଅନୁମତି ମିଳିଥିଲା। ବଗପାଟିଆରେ ଏବେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ସହ ସେହି ଅଞ୍ଚଳର ୫୭୧ ପରିବାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନ ଓ ଘର ମିଳିଛି। ଏବେ ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ହେଉଥିବା ଉନ୍ନୟନ ଯୋଜନା କାର୍ଯ୍ୟକାରୀକୁ ସ୍ଥାନୀୟ ରାଜନେତା ଓ ପ୍ରଶାସକ ଉଦ୍ୟମ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି।


ମା' ପଞ୍ଚୁବରାହୀଙ୍କୁ ଜଣେ ମହିଳା ପୂଜା କରୁଛନ୍ତି।

# ଡିଏଫ୍‌ଓ କ୍ୱାର୍ଟର୍ସ ନିର୍ମାଣରେ ଦୁର୍ନୀତି

- ୫୩ ଲକ୍ଷ ଖର୍ଚ୍ଚ ସତ୍ତ୍ୱେ କରାଯାଇନି ଟେଣ୍ଡର
- ପୁରୁଣା କ୍ୱାର୍ଟର ଥାଉ ଥାଉ ନର୍ସରୀରେ ନିର୍ମାଣ ନେଇ ପ୍ରଶ୍ନ
- କ୍ୱାର୍ଟର ପାଇଁ ନର୍ସରୀକୁ ବାରପଲ୍ଲାକୁ ସ୍ଥାନାନ୍ତରିତ
- ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ, ୫ଟି ସଚିବଙ୍କୁ ଫେରାଦ

ନୟାଗଡ଼, ୯।୧୦ (ଲୋକନାଥ ମିଶ୍ର)


ଡିଏଫ୍‌ଓଙ୍କ ପୁରୁଣା କ୍ୱାର୍ଟର୍ସ।


ଡିଆରଡିଏ ରୋଡରେ ଡିଏଫ୍‌ଓଙ୍କ ଲାଗି ନିର୍ମାଣ କରାଯାଇଥିବା ନୂଆ କ୍ୱାର୍ଟର୍ସ।

ନୟାଗଡ ଡିଏଫ୍‌ଓଙ୍କ କ୍ୱାର୍ଟର୍ସ (ସରକାରୀ ବାସଭବନ) ନିର୍ମାଣରେ ଦୁର୍ନୀତି ଅଭିଯୋଗ ଉଠିଛି। ଡିଏଫ୍‌ଓଙ୍କ ପୁରୁଣା କ୍ୱାର୍ଟର୍ସ ଥାଉ ଥାଉ ନୟାଗଡ଼ ଡିଆରଡିଏ ରୋଡର ଜିଲାପାଳଙ୍କ ବାସଭବନ ପାଖ ନର୍ସରୀରେ ଡିଏଫ୍‌ଓଙ୍କ ନୂଆ କ୍ୱାର୍ଟର୍ସ ନିର୍ମାଣ କାହିଁକି କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କ୍ୱାର୍ଟର୍ସ ନିର୍ମାଣ ପାଇଁ ନର୍ସରୀକୁ ବାରପଲ୍ଲା ସ୍ଥାନାନ୍ତର କରାଯାଇ ପୁଣି ନର୍ସରୀ ପାଇଁ ଅଯଥା ଅପବ୍ୟୟ ହୋଇଛି ଅଭିଯୋଗ ରହିଛି। ପୁଣି ଡିଏଫ୍‌ଓଙ୍କ ନୂଆ କ୍ୱାର୍ଟର୍ସରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଟେଣ୍ଡର କରା ନ ଯିବା ନିର୍ମାଣ କାର୍ଯ୍ୟ ଓ ବିଭାଗର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଛି।

ଅଭିଯୋଗ ଅନୁସାରେ ଡିଏଫ୍‌ଓ କ୍ୱାର୍ଟର୍ସ ଭଲ ଥିବାବେଳେ ତାକୁ ପରିତ୍ୟକ୍ତ ଘୋଷଣା କରାଯାଇଛି। କ୍ୱାର୍ଟର୍ସ ପରିତ୍ୟକ୍ତ ଘୋଷଣା ହେବା ପରେ ନର୍ସରୀ ସ୍ଥାନରେ ନୂଆ କ୍ୱାର୍ଟର୍ସ ନିର୍ମାଣ କରାଯାଇଛି। ପୁରୁଣା କ୍ୱାର୍ଟର୍ସ ଯଦି ପରିତ୍ୟକ୍ତ ହେଲା ତେବେ ତାକୁ ଭାଙ୍ଗି ନୂଆ କରିବାରେ ଅସୁବିଧା ନ ଥିଲା। ତେବେ ନର୍ସରୀକୁ ସ୍ଥାନାନ୍ତର କରାଇ ନୂଆ କ୍ୱାର୍ଟର୍ସ ନିର୍ମାଣ କରାଯିବା ଠିକ୍ ହୋଇନାହିଁ। ପୁଣି ନୂଆ କ୍ୱାର୍ଟର୍ସରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଘୋଟାଲ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ରହିଛି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କାମ ହେଲେ ଟେଣ୍ଡର କରାଯିବା ବାଧ୍ୟତାମୂଳକ। ତେବେ ଡିଏଫ୍‌ଓଙ୍କ ନୁଆ କ୍ୱାର୍ଟର୍ସ ନିର୍ମାଣ ପାଇଁ ସରକାରୀ ନୀତିନିୟମକୁ ତଳିମକଚି ଦିଆଯାଇଛି। ଟେଣ୍ଡର କେହି ନେଲେ ନାହିଁ ଚତୁରତାର ସହ ଦର୍ଶାଇ କାହାକୁ ଟେଣ୍ଡର ନ ଦେଇ ଡିପାର୍ଟମେଣ୍ଟାଲି କରାଯାଇଛି। ନୟାଗଡ଼ର ଫରେଷ୍ଟର ମନୋଜ ପ୍ରଭାକର ଡିପାର୍ଟମେଣ୍ଟାଲି କାମ କରିଥିବା କୁହାଯାଉଛି। ଏ ନେଇ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ପଚାରିବାରେ ଡିଏଫ୍‌ଓଙ୍କ ନୂଆ କ୍ୱାର୍ଟର୍ସ ନିର୍ମାଣରେ କୌଣସି ଘୋଟାଲା ହୋଇନାହିଁ। ପୁରୁଣା କ୍ୱାର୍ଟର୍ସ ବିପଦସଙ୍କୁଳ ହୋଇ ପଡିଥିଲା। ମୁଁ ସେଠାରେ ରହୁଥିଲି। କ୍ୱାର୍ଟର୍ସରେ ରହୁଥିବା ଯୋଗୁ ତାକୁ ଭାଙ୍ଗି ନୂଆ କରିଥିଲେ ଅସୁବିଧା ହୋଇଥାନ୍ତା। ଆମର ନୟାଗଡ଼ ରେଞ୍ଜର ଅଫିସର ସ୍ଥାୟୀ କାର୍ଯ୍ୟାଳୟ ନାହିଁ। ସ୍ଥାୟୀ କାର୍ଯ୍ୟାଳୟ ଡିଏଫ୍‌ଓଙ୍କ କ୍ୱାର୍ଟର୍ସ ଜାଗାରେ କରାଗଲେ କିଛି ଅସୁବିଧା ହେବନି। ଏଣୁ ଡିଏଫ୍‌ଓଙ୍କ ପୁରୁଣା କ୍ୱାର୍ଟର୍ସରେ ନୟାଗଡ଼ ରେଞ୍ଜର ଅଫିସ କରାଯିବାର ପ୍ରସ୍ତାବ ରହିଛି। ଅନ୍ୟପକ୍ଷେ ଡିଆରଡିଏ ରୋଡରେ ଥିବା ନର୍ସରୀ ମ୍ୟୁନିସିପାଲିଟି ଭିତରେ ଥିବାରୁ ଚାରା ସୃଷ୍ଟିରେ ବିଭିନ୍ନ ସମୟରେ ଅସୁବିଧା ହେଉଥିଲା। ଏଣୁ ନର୍ସରୀକୁ ବାରପଲ୍ଲା ସ୍ଥାନାନ୍ତର କରାଯାଇ ନର୍ସରୀ ସ୍ଥାନରେ ଡିଏଫ୍‌ଓ କ୍ୱାର୍ଟର୍ସ ନିର୍ମାଣ ହୋଇଛି। ନୂଆ କ୍ୱାର୍ଟର୍ସ ଜିଲାପାଳ ଓ ଏସ୍‌ପିଙ୍କ କ୍ୱାର୍ଟର୍ସ ପାଖେ ରହିଛି। ଡିଏଫ୍‌ଓ କ୍ୱାର୍ଟର୍ସ ପାଇଁ ୪୮ ଲକ୍ଷ ଓ ଆନୁଷଙ୍ଗିକ ଉପକରଣ ପାଇଁ ୫ ଲକ୍ଷ ଏପରି ମୋଟରେ ୫୩ ଲକ୍ଷ ଖର୍ଚ୍ଚ ହୋଇଛି। କ୍ୱାର୍ଟର୍ସ ନିର୍ମାଣ ପାଇଁ ୨ ଥର ଟେଣ୍ଡର କରାଯାଇଛି। ହେଲେ କେହି ଟେଣ୍ଡର ନେବାକୁ ସାମିଲ ନ ହେବାରୁ ଡିପାର୍ଟମେଣ୍ଟାଲି କରାଯାଇଛି। ଯାହା କିଛି କରାଯାଇଛି ଆଇନ ଭିତରେ କରାଯାଉଛି। ନର୍ସରୀ ପାଇଁ ସ୍ୱତନ୍ତ୍ର ଭାବେ କିଛି ଖର୍ଚ୍ଚ ହୋଇନାହିଁ। ଯାହା କିଛି କଣ୍ଟିଜେନ୍ସି ଫଣ୍ଡରୁ ଖର୍ଚ୍ଚ କରାଯାଇଛି ବୋଲି ସେ କହିଛନ୍ତି। ଜଣେ ଅଭିଯୋଗକାରୀ ନାଁ ଗୋପନ ରଖି କହିଛନ୍ତି କ୍ଷମା ଷଡଙ୍ଗୀ ଟେରିଟୋରିଆଲ ଡିଏଫଓ ଥିବାବେଳେ ସ୍ୱାମୀ ଫାଲଗୁନି ସାରଥି ମଲ୍ଲିକ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଅଛନ୍ତି। ଗୋଟିଏ ଜିଲାରେ ଏହି ଦମ୍ପତି କାମ କରୁଛନ୍ତି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓଙ୍କ ସରକାରୀ କ୍ୱାର୍ଟର୍ସଟି ଡିଆରଡିଏ ରୋଡରେ ଅଛି। ସ୍ୱାମୀଙ୍କ କ୍ୱାର୍ଟର୍ସ ପାଖରେ ନର୍ସରୀ ଥିଲା। ନର୍ସରୀ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡଙ୍କ କ୍ୱାର୍ଟର୍ସ ମଧ୍ୟରେ ଦୂରତା ପ୍ରାୟ ୨୦୦ ମିଟର। ନର୍ସରୀ ଓ କ୍ୱାର୍ଟର୍ସ ମଧ୍ୟବର୍ତ୍ତୀ ଅଞ୍ଚଳ ମହର୍ଷୀ ସ୍କୁଲ। ଏଣୁ ଗୋଟିଏ କ୍ୱାର୍ଟର୍ସରେ ସ୍ୱାମୀ ସ୍ତ୍ରୀ ରହିବା ପାଇଁ ନର୍ସରୀରେ ନୂଆ କ୍ୱାର୍ଟର୍ସ ନିର୍ମାଣ କରାଗଲା। ଏଥିରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି। ପ୍ରକୃତିରେ ଏଥିରେ ୧କୋଟି ଖର୍ଚ୍ଚ ହୋଇଛି। ଯାହାକି ଆଲିସାନ କ୍ୱାର୍ଟର୍ସ କୁହାଯାଉଛି। ସ୍ୱାମୀ ଓ ସ୍ତ୍ରୀ ଉଭୟେ ନୂଆ କ୍ୱାର୍ଟର୍ସରେ ରହୁଛନ୍ତି। କ୍ୱାର୍ଟର୍ସ ଗେଟର ଗୋଟିଏ ଖମ୍ବରେ ଡିଏଫ୍‌ଓ କ୍ଷମା ଷଡଙ୍ଗୀ ଓ ଅନ୍ୟ ଖମ୍ବରେ ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ ଝୁଲୁଛି। ଗୋଟିଏ ସ୍ଥାନରେ ସ୍ୱାମୀ ଓ ସ୍ତ୍ରୀ ରହିବା ପାଇଁ ସରକାରୀ ନୀତିନିୟମକୁ ଡଷ୍ଟବିନକୁ ଫୋପାଡି କାଗଜାତ ସବୁ ଠିକ୍‌ଠାକ୍ କରାଯାଇଛି। ହେଲେ ଖୋଳତାଡ ହେଲେ ଦୁର୍ନୀତିର ପେଡି ଖୋଲିବ ବୋଲି ସୂଚନା ଦେଇଛନ୍ତି।


ଡିଆର୍‌ଡିଏ ରୋଡ୍‌ରେ ଥିବା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫଓଙ୍କ କ୍ୱାର୍ଟର୍ସ।

# ବାଲ୍ୟ ବିବାହ ମୁକ୍ତ ସଚେତନତା କର୍ମଶାଳା



କର୍ମଶାଳାରେ ଅତିଥିଙ୍କ ସହ ଅନ୍ୟମାନେ।

ନୂଆଗାଁ, ୯।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହ ମଧ୍ୟରେ ସୋମବାର ବାଲ୍ୟ ବିବାହ ମୁକ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାଠାରୁ ଆରମ୍ଭ କରି ଭାରତକୁ ବାଲ୍ୟ ବିବାହ ମୁକ୍ତ କରାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱର ରୁଚିକା ସମାଜ ମଙ୍ଗଳ ଅନୁଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ନିଷେଧ, ଶିଶୁ ଶ୍ରମିକ ଓ ସୁରକ୍ଷା ସମ୍ପର୍କିତ ବିଷୟମାନ ଆଲୋଚନା କରାଯାଇଥିଲା। ଶିଶୁମାନଙ୍କ ପାଇଁ ଶିକ୍ଷା ହିଁ ମୂଳ ବଳ। ଯାହାଦ୍ୱାରା ବାଲ୍ୟ ବିବାହ ଭଳି କୁପ୍ରଥା ଦୂର କରାଯାଇପାରିବ। ଶିଶୁମାନଙ୍କ ପାଇଁ ସରକାରୀ ଯୋଜନାରେ କିଭଳି ସେମାନଙ୍କୁ ସାମିଲ କରାଯାଇପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଭାରତରେ ଶତକଡା ୨୩ଭାଗ ଓ ଓଡ଼ିଶାରେ ଶତକଡା ୨୦ଭାଗ ଶିଶୁ ବାଲ୍ୟ ବିବାହ କରୁଛନ୍ତି। ତେଣୁ ଏହି କୁପ୍ରଥାକୁ ବନ୍ଦ କରିବା ପାଇଁ ସମସ୍ତଙ୍କ ସହଯୋହର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ନୂଆଗାଁ ଥାନା ଏଏସ୍‌ଆଇ ଜଗନ୍ନାଥ ଜେନା, ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ, ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ତଥା ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକ, ନୂଆଗାଁ ବ୍ଲକ ମିଶନ ଶକ୍ତି ସଂଯୋଜକ ଦିଲୀପ କୁମାର ନାୟକ, ଜିଲା ସଂଯୋଜିକା ଶୁଭସ୍ମିତା ମହାନ୍ତିଙ୍କ ସମେତ ଅଙ୍ଗନଓ୍ୱାଡି କର୍ମୀ, ଏମ୍‌ବିକେ, ଶିଶୁ ସୁରକ୍ଷା ୟୁନିଟ ସଦସ୍ୟ ଚନ୍ଦ୍ର ଶେଖର ବେହେରା, ସୁଜାତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କୃଷ୍ଣେଶ୍ୱରପାଟଣାରୁ ମାଧବ ଚୌଧୁରୀ ପାଟଣା ରାସ୍ତା ପକ୍କା ପାଇଁ ଦାବି

ଖଣ୍ଡପଡ଼ା, ୯।୧୦ (ଅଜୟ କୁମାର ମହାରଣା)

ଗମନାଗମନ ସୁବିଧା ପାଇଁ ବିଭିନ୍ନ ଗ୍ରାମ୍ୟ ଓ ସାହି ରାସ୍ତାର ଉନ୍ନତୀକରଣ ଲାଗି ରାଜ୍ୟ ସରକାର ଲକ୍ଷାଧିକ ଅନୁଦାନ ଅର୍ଥ ପଞ୍ଚାୟତ, ବ୍ଲକ ମାଧ୍ୟମରେ ମଞ୍ଜୁର କରିଥାନ୍ତି। ମାତ୍ର ଏହି ଯୋଜନା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରି ଏକ ଅବହେଳିତ ରାସ୍ତା ପାଇଁ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ କୃଷ୍ଣେଶ୍ୱରପାଟଣା ଗ୍ରାମ ୮ନଂ. ୱାର୍ଡ ବାସିନ୍ଦା ଦୀର୍ଘବର୍ଷ ଧରି ଅଭିଯୋଗ କରି ଆସୁଛନ୍ତି। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ଲାଗି ଆଶ୍ୱାସନା ଦେଇ ଆସୁଥିବା ବେଳେ କୌଣସି ସୁଫଳ ମିଳି ନ ଥିବା ସମ୍ପୃକ୍ତ ୱାର୍ଡବାସୀ ଅଭିଯୋଗ କରିଛନ୍ତି।

କୃଷ୍ଣେଶ୍ୱରପାଟଣାଠାରୁ ମାଧବ ଚୌଧୁରୀ ପାଟଣାକୁ ସଂଯୋଗ କରୁଥିବା ପାହାଡି ରାସ୍ତା ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଛି। ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର, ଜନସାଧାରଣ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରିଥାନ୍ତି। ବର୍ଷାଦିନେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାରେ ବହୁ ସମସ୍ୟା ଉପୁଜିଥାଏ। ଅପରପକ୍ଷରେ ଯାନବାହନ ବିଶେଷକରି ୨ ଚକିଆଯାନ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ୱାର୍ଡ ବାସିନ୍ଦା ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କୁ ପଚାରିବାରେ ସମ୍ପୃକ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଅପରପକ୍ଷରେ ପଞ୍ଚାୟତକୁ ଆସୁଥିବା ସରକାରୀ ଅନୁଦାନ ଅର୍ଥର ସିଂହଭାଗ ଅର୍ଥ ବିଦ୍ୟୁତ୍ ବିଲ୍ ପୈଠ କରିବାରେ ବ୍ୟୟ ହେଉଛି। ଅର୍ଥାଭାବ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାରେ ବାଧକ ସାଜିଛି। ବ୍ଲକ ପକ୍ଷରୁ ସମ୍ପୃକ୍ତ କାର୍ଯ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ତେବେ ବ୍ଲକ ଅଥବା ଜିଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଭିଜିତ୍


@ ଆଶିଷ


@ ବୀଣାପାଣି


@ ସାବତ


@ ସତ୍ୟସୁନ୍ଦର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା, ମିଳୁନି ନ୍ୟାୟ

ନୟାଗଡ଼, ୯।୧୦ (ଲୋକନାଥ ମିଶ୍ର)

**୧୩ ବର୍ଷ ହେଲା ବହିଷ୍କୃତର କାରଣ ଖୋଜୁଛନ୍ତି ଜିଆରଏସ୍**


ଜିଆରଏସ୍ ସୁରସେନ ନାୟକ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତରେ ଜିଆରଏସ୍ ଭାବେ କାମ କରୁଥିବା ବରକୋଳା ଗାଁର ସୁରସେନ ନାୟକ ବହିଷ୍କୃତ ହେବାର ୧୩ ବର୍ଷ ବିତି ଗଲାଣି। ତେବେ ହାଇକୋର୍ଟଙ୍କ ଅର୍ଡର ନେଇ ବିଭିନ୍ନ ସମୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଯାଇ ନିରାଶ ହୋଇ ଫେରୁଥିବା ବହିଷ୍କୃତ ଜିଆରଏସ୍ କହିଛନ୍ତି। ବହିଷ୍କୃତ ଜିଆରଏସ୍‌ଙ୍କ ଅଭିଯୋଗ ଅନୁସାରେ, ୧୩ ବର୍ଷ ହେଲା ବହିଷ୍କୃତର କାରଣ ଖୋଜୁଛି। ୨୦୦୮ ଜୁଲାଇ ୧୧ରେ କାପ୍ତାପଲ୍ଲୀ ପଞ୍ଚାୟତରେ ଜିଆରଏସ୍ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି। ୨୦୧୦ ଏପ୍ରିଲ ୧ରେ ବିନା କାରଣରେ ଚାକିରିରୁ ବହିଷ୍କୃତ କରାଯାଇଥିଲା। ମୁଁ ଦଳିତ ସଂପ୍ରଦାୟର ହୋଇଥିବାରୁ ଜାତିଆଣ ମନୋଭାବ ରଖି ମୋତେ ବହିଷ୍କାର କରାଯାଇଛି। ବିଭିନ୍ନ ସମୟର ଘଟଣାକୁ ମନେ ପକାଇବା ପରେ ବହିଷ୍କାରର କାରଣ ଜାତିଆଣ ମୋନଭାବ ବୋଲି ଭାବୁଛି। ବହିଷ୍କାରର କାରଣ ଜାଣିବା ପାଇଁ ବିଭିନ୍ନ ସମୟରେ ପ୍ରୟାସ କରିଥିଲି। ହେଲେ ବହିଷ୍କାରର କାରଣ ଦର୍ଶାଇଲେ ନାହିଁ। ବହିଷ୍କାର ପରେ ଜିଲାପାଳ ଓ ପିଡି ଡିଆରଡିଏଓଙ୍କୁ ଅଭିଯୋଗ କରି ସୁଫଳ ନ ପାଇବା ପରେ ହାଇକୋର୍ଟର ଆଶ୍ରୟ ନେଇଥିଲି। କନସିଡର କରିବା ପାଇଁ ହାଇକୋର୍ଟ ଜିଲାପାଳଙ୍କ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ବିଭିନ୍ନ ସମୟରେ ଜିଲାପାଳଙ୍କୁ ଦେଖା କରି ଗାଳିଗୁଲଜ ସହି ଫେରିବାକୁ ପଡୁଛି। ମୋତେ ପୁନର୍ବାର ଜିଆରଏସ୍ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବା ପାଇଁ ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ପାଇନାହିଁ। ତେବେ ବହିଷ୍କାରର ୧୩ ବର୍ଷ ଧରି ଗୋଟିଏ ଅଫିସରୁ ଅନ୍ୟ ଅଫିସକୁ ଦୌଡିବାକୁ ପଡୁଛି ବୋଲି ସେ କ୍ଷୋଭର ସହ କହିଛନ୍ତି।

# ପଲଟନ ପଡ଼ିଆ ମିନି ଷ୍ଟାଡିୟମ, ରାତି ହେଲେ ମଦ୍ୟପଙ୍କ ଆଡ୍ଡା

ଖଣ୍ଡପଡ଼ା, ୯।୧୦ (ଅଜୟ କୁମାର ମହାରଣା)


ମିନିଷ୍ଟାଡିୟମରେ ମଦ ବୋତଲ ଓ ପାଣି ବୋତଲ ପଡିଛି।

ନୟାଗଡ଼ ଜିଲା କଣ୍ଟିଲୋର ନୀଳମାଧବ କ୍ଷେତ୍ର ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ। ପ୍ରତ୍ୟହ ଏଠାକୁ ଶତାଧିକ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥାନ୍ତି। ହେଲେ ଏହି ପୀଠ ପାଖ ଅଞ୍ଚଳରେ ସଦାସର୍ବଦା ନିଶାଖୋର ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ଶ୍ରଦ୍ଧାଳୁମାନଙ୍କୁ ଆଘାତ ଦେଇଥାଏ। ସନ୍ଧ୍ୟା ହେବା ପରେ ବହୁ ଯୁବକ ମିନିଷ୍ଟାଡିୟମ ବା ପଲଟନ ପଡ଼ିଆ (ଖେଳ ପଡ଼ିଆ)ରେ ଦଳ ଦଳ ହୋଇ ମଦ ଖୁଲମଖୁଲା ପାନ କରୁଛନ୍ତି। ଏହା ମଦ୍ୟପମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

ଦୈନିକ ଅଭ୍ୟାସର ଉତ୍ତମ ବ୍ୟବସ୍ଥା ନ ଥିଲେ ଭଲ ଖେଳାଳିଟିଏ ହୋଇ ବାହାରିବା ସମ୍ଭବପର ନୁହେଁ। ଏଥିପାଇଁ ଏକ ଖେଳ ପଡ଼ଆର ଆବଶ୍ୟକତା ରହିଛି। ମାତ୍ର ପରିତାପର ବିଷୟ କଣ୍ଟିଲୋ ଅଞ୍ଚଳରେ ଥିବା ପୁରାତନ ଖେଳ ପଡ଼ିଆ ଏବେ ପରିତ୍ୟକ୍ତ ଅବସ୍ଥାରେ। ମୁଖ୍ୟମନ୍ତ୍ରୀ ଉକ୍ତ ପଲଟନ ପଡ଼ିଆକୁ ମିନିଷ୍ଟାଡିୟମ ଭାବରେ ଘୋଷଣା କରି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଫୁଟ୍‌ବଲପ୍ରେମୀ ଯୁବକମାନେ ପୂର୍ବରୁ ଏହି ପଡିଆରେ ଅଭ୍ୟାସ କରି ଉତ୍ତମ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ସମ୍ପ୍ରତି ବହୁ ଛାତ୍ର ଓ ଯୁବକ ଫୁଟ୍‌ବଲ ଛାଡି କ୍ରିକେଟ ଖେଳ ପ୍ରତି ଆକୃଷ୍ଟ ହେଲେଣି। ଏମାନେ ଦୈନିକ ଅଭ୍ୟାସ ପାଇଁ ଏହି ପଲଟନ ପଡ଼ିଆ ଉପରେ ନିର୍ଭର କରିଥାନ୍ତି। ହେଲେ ପଡ଼ିଆର ଦୁରବସ୍ଥା ସେମାନଙ୍କୁ ଅନ୍ୟତ୍ର ଯିବାକୁ ବାଧ କରୁଛି। ସ୍ଥାନୀୟ ଅଞ୍ଚଳର ଭଗବାନ ମଧ୍ୟ ଇଂରାଜି ବିଦ୍ୟାଳୟ ଓ ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋର ୨ ପୁରାତନ ଶିକ୍ଷାନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନର ପୂର୍ବ ପାର୍ଶ୍ୱରେ ୪.୦୬ ଏକର ପରିମିତ ପଲଟନ ପଡ଼ିଆକୁ ଛାତ୍ରୀଛାତ୍ର ଖେଳ ପଡ଼ିଆ ଭାବରେ ବ୍ୟବହାର କରିଥାନ୍ତି। ପଲଟନ ପଡ଼ିଆ ନାମକ ଏହି ସ୍ଥାନରେ କଣ୍ଟିଲୋ ଓ ଆଖପାଖ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, କ୍ରୀଡ଼ାପ୍ରେମୀ ଯୁବକମାନେ ଫୁଟ୍‌ବଲ ସହ ଅନ୍ୟ ଖେଳ ଅଭ୍ୟାସ କରିଥାନ୍ତି। ଜିଲା ତଥା ରାଜ୍ୟସ୍ତରୀୟ ଅନେକ ଟୁର୍ନାମେଣ୍ଟ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ। ଏହାଛଡ଼ା ଜାତୀୟ ଦିବସଗୁଡିକରେ ଏହି ପଡ଼ିଆରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ସମୂହ ପରେଡ୍ ହୋଇଥାଏ। ଏହି ପଡ଼ିଆର ସୁରକ୍ଷା ପ୍ରାଚୀର ନ ଥିବାରୁ ଦିନ ବେଳା ଏହା ଗୋରୁଙ୍କ ଚରାଭୂଇଁ ପାଲଟିଥାଏ। ରାତି ହେଲେ ନିଶା ସେବନକାରୀ ଓ ମଦ୍ୟପମାନଙ୍କ ଏହା ଏକ ସୁରକ୍ଷିତ ଆଡ୍ଡାସ୍ଥଳୀ ପାଲଟିଯାଏ। ଏହି ଖୋଲା ପଡ଼ିଆରେ ଅନ୍ଧାରର ସୁଯୋଗ ନେଇ ନିଶାସକ୍ତ ଯୁବକମାନେ ରାତିରେ ଖୁଲମଖୁଲା ମଦ ଓ ଗଞ୍ଜେଇ ଆଦି ସେବନକରି ପଡିଆ ପରିସରକୁ ତଥା ପରିବେଶକୁ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ସିଗାରେଟ୍ ଖୋଳ, ଅଣ୍ଡା ଖୋଳ, ଖାଲି ମଦ ବୋତଲ, ପାଣି ପାଉଚ ଜରି ଏଣେ ତେଣେ ଫିଙ୍ଗା ଫୋପଡ଼ା କରିବା ଦ୍ୱାରା ଅନେକ ସମୟରେ ଖାଲି ମଦ କାଚ ବୋତଲ ଭାଙ୍ଗି ପଡିଥିବା ପରିଲକ୍ଷିତ ହୋଇଥାଏ।

ପରଦିନ ପ୍ରାତଃ ସମୟରେ ଏହି ପଡ଼ିଆକୁ ଖେଳ କସରତ ତଥା ଅଭ୍ୟାସ ପାଇଁ ବିଶେଷ କରି ଦୌଡ଼କୁଦ ପାଇଁ ଆସୁଥିବା ଛାତ୍ରୀଛାତ୍ର ଓ ଯୁବକମାନେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରିକି ଅନେକ ପିଲାଙ୍କ ପାଦରେ ଭଙ୍ଗା କାଚ ବୋତଲ ଫୁଟି କ୍ଷତବିକ୍ଷତ କରିଥାଏ। ଏପରି ଅବସ୍ଥା ପ୍ରତ୍ୟହ ଦେଖିବାକୁ ମିଳୁଥିବା ବେଳେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ପ୍ରତ୍ୟହ ସକାଳୁ ସକାଳୁ କସରତ ପାଇଁ ଆସୁଥିବା ପିଲାମାନେ ଏହି ଖୋଳ ଓ ଖାଲି ବୋତଲକୁ ସଫା କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ କେହି ଯତ୍ନବାନ ହେଉ ନ ଥିବା ଜଣାପଡିଛି। ତେବେ ଏଥିପାଇଁ ପୋଲିସର ରାତି ପାଟ୍ରୋଲିଂର ଆବଶ୍ୟକତା ରହିଥିବା ବହୁ ବୁଦ୍ଧିଜୀବୀ ମତ ପୋଷଣ କରିଛନ୍ତି।

